ବିଦ୍ୟୁତ୍ ବିଭାଗର ଅବହେଳା

# ୬ ମାସ ଧରି ଅନ୍ଧାରରେ ଶେଷଦେବଙ୍କ ପରିବାର

ମଙ୍ଗଳପୁର, ୧୧।୧(ସମିସ)



ଦଶରଥପୁର ବ୍ଲକ୍ ଖାନନଗର ପଞ୍ଚାୟତ ଅଧୀନସ୍ଥ ଲାଲବାଗ ଉତ୍ତରସାଇ ଗ୍ରାମର ଶେଷଦେବ ମଲ୍ଲିକ ବିଦ୍ୟୁତ୍ ବିଭାଗ ଅବହେଳାର ଶିକାର ହୋଇଛନ୍ତି। ତାଙ୍କ ପରିବାର ୬ ମାସ ଧରି ଅନ୍ଧାରରେ ଜୀବନ ବିତାଉଛନ୍ତି। ଏହି ପରିବାରକୁ ବିଦ୍ୟୁତ୍ ସଂଯୋଗ କରାଯିବାକୁ ଦାବି ହେଉଛି।

ଶେଷଦେବ ମଲ୍ଲିକ ନିଜାମପୁର ପଞ୍ଚାୟତସ୍ଥ ନଛିଦ୍ରପୁର ମୌଜାରେ ୧୨ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ରହିଆସୁଛନ୍ତି। ଆଜକୁ ପ୍ରାୟ ୧୦ ବର୍ଷ ହେବ ସେ ନୂଆ ଘରକୁ ବିଦ୍ୟୁତ ସଂଯୋଗ ନେଇଥିଲେ। ଉପଭୋକ୍ତା ହେବାପରେ ଶେଷଦେବଙ୍କୁ ତାଙ୍କର ପଡୋଶୀ କପିଳ ମଲ୍ଲିକଙ୍କ ଘର ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟରୁ ଶେଷଦେବଙ୍କୁ ବିଦ୍ୟୁତ ବିଭାଗ ପକ୍ଷରୁ ସଂଯୋଗ ଦିଆଯାଇଥିଲା। କୌଣସି କାରଣରୁ ତାଙ୍କର ସର୍ଭିସ ତାରଟି ଆଜକୁ ପ୍ରାୟ ୬ ମାସ ପୂର୍ବେ ଛିଣ୍ଡିଯାଇଥିଲା। ଶେଷଦେବ ଏ ନେଇ ବିଦ୍ୟୁତ ବିଭାଗକୁ ଜଣାଇବା ସହ ତାଙ୍କର ସର୍ଭିସ ତାରଟି ପୁନର୍ବାର ଖୁଣ୍ଟରେ ଯୋଡ଼ିଦେବା ପାଇଁ ବିଦ୍ୟୁତ ବିଭାଗ କର୍ମଚାରୀଙ୍କୁ କହିଥିଲେ। ତେବେ ବିଦ୍ୟୁତ୍ ବିଭାଗ କର୍ମଚାରୀ ମାସାଧିକ କାଳ ବିତିଯାଇଥିଲେ ବି ଶେଷଦେବଙ୍କର ସର୍ଭିସ ତାରକୁ ଖୁଣ୍ଟରେ ସଂଯୋଗ କରି ନ ଥିଲେ। ପରେ ବାଧ ହୋଇ ଶେଷଦେବ ବିଦ୍ୟୁତ୍ ବିଭାଗର ମଙ୍ଗଳପୁର ସେକ୍ସନ ଅଫିସକୁ ଯାଇ ବିଦ୍ୟୁତ ବିଭାଗ ଜେଇଙ୍କୁ ଭେଟି ନିଜର ଲାଇନ ସଂଯୋଗ କରିବା ପାଇଁ କହିଥିଲେ। ମାତ୍ର ତୁମକୁ ଯେଉଁ ଖୁଣ୍ଟରୁ ବିଦ୍ୟୁତ ସଂଯୋଗ ଦିଆଯାଇଥିଲା, ସେଠାରୁ ତୁମ ଘର ଦୂର ହେଉଥିବାରୁ ଉକ୍ତ ଖୁଣ୍ଟରୁ ତୁମକୁ ବିଦ୍ୟୁତ୍ ସଂଯୋଗ ଦେଇହେବ ନାହିଁ ବୋଲି କହିଥିଲେ। ତୁମକୁ ନୂଆ ଏଷ୍ଟିମେଣ୍ଟ କରି ଖୁଣ୍ଟ ପକାଇ ଲାଇନ ନେବାକୁ ହେବ। ଏଥିପାଇଁ ଏଷ୍ଟିମେଟ ଅନୁଯାୟୀ ଟଙ୍କା ଡିପୋଜିଟ କରିବା ପରେ ତୁମକୁ ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି ବିଦ୍ୟୁତ ବିଭାଗ ପକ୍ଷରୁ କୁହାଯାଇଥିଲା। ତୁମର ପୁରୁଣା କଞ୍ଜୁମରକୁ ସରେଣ୍ଡର କରିବା ସହ ପରିବାରର ଅନ୍ୟ କାହା ନାମରେ ନୂଆ କଞ୍ଜୁମର ଆବେଦନ କଲେ ତୁମକୁ ବିଦ୍ୟୁତ ସଂଯୋଗ ଦିଆଯିବାକୁ କୁହାଯାଇଥିବା ଶେଷଦେବ ଅଭିଯୋଗ କରିଛନ୍ତି। ଶେଷଦେବ ନିରାଶ ହୋଇ ଗାଁ ନିତାଇ ଗୌର କମିଟିରୁ ୪ ପଇସା ସୁଧରେ କରଜ ଆଣି ନୂଆ ଖୁଣ୍ଟ ପାଇଁ ୩୭ ହଜାର ୭୬୦ ଟଙ୍କା ଓ ତାଙ୍କ ପତ୍ନୀ ରୁବିଲତା ମଲ୍ଲିକଙ୍କ ନାମରେ ନୂଆ କଞ୍ଜୁମର ପାଇଁ ପ୍ରାୟ ୪ ହଜାର ଟଙ୍କା ଡିପୋଜିଟ କରିଥିଲେ। ତେବେ ଆଜିଯାଏ ତାଙ୍କ ଘରକୁ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ। ଫଳରେ ଶେଷଦେବଙ୍କ ପରିବାର ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟୁତ୍ ସଂଯୋଗ ନ ଥିବାରୁ ଘର ଭିତରକୁ ଅନେକ ସମୟରେ ସରୀସୃପ ପଶି ଆସୁଛନ୍ତି। କେତେବେଳେ କାହା ଜୀବନ ଯିବ ଏ କଥାକୁ ଏଡାଇଦେଇ ହେବନାହିଁ। ଏଭଳି ହେଲେ ଏଥିପାଇଁ ବିଦ୍ୟୁତ ବିଭାଗ ଦାୟୀ ରହିବେ ବୋଲି ଶେଷଦେବ କହିଛନ୍ତି। ଏ ସମ୍ପର୍କରେ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାରୁ ଯାହାକିଛି କରାଯାଇଛି ସବୁକିଛି ଆଇନ ଅନୁଯାୟୀ କରାଯାଇଛି ବୋଲି କହିଛନ୍ତି।

## ଧୋୟାଞ୍ଚଳକୁ ନେଇ ବ୍ଲକ୍ ପ୍ରତିଷ୍ଠା ଦାବି

ପ୍ରୀତିପୁର, ୧୧।୧ (ସମିସ): ପ୍ରଶାସନିକ ଅବହେଳା ଓ ଉନ୍ନୟନ କାର୍ଯ୍ୟରେ ଶିଥିଳତାକୁ ଅନୁଭବ କରି ଧୋୟାଞ୍ଚଳବାସୀ ଆଜି ଶ୍ୟାମେଶ୍ୱର ମନ୍ଦିର ନିକଟରେ ଏକତ୍ରିତ ହୋଇ ନୂତନ ବ୍ଲକ ପ୍ରତିଷ୍ଠା ନିମନ୍ତେ ଦାବି କରିଛନ୍ତି। ଖରସ୍ରୋତା ଓ ବ୍ରାହ୍ମଣୀ ନଦୀର ଅବବାହିକାରେ ଅବସ୍ଥିତ ୮/୧୦ଟି ପଞ୍ଚାୟତକୁ ନେଇ ବ୍ଲକ୍ ପ୍ରତିଷ୍ଠା କରାଯିବାକୁ ବହୁ ଦିନରୁ ହୋଇଆସୁଥିବା ଦାବି ପ୍ରତି କେହି ଜନପ୍ରତିନିଧି ଦୃଷ୍ଟି ନ ଦେବାରୁ ଆଜି ପୂର୍ବତନ ସରପଞ୍ଚ ଅଟଳ ବିହାରୀ ନାୟକଙ୍କ ନେତୃତ୍ୱରେ ଶ୍ୟାମେଶ୍ୱର ମନ୍ଦିର ନିକଟରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅଙ୍ଗାଲୋ, ଅରିଲୋ, କଣ୍ଟିପୁର, ରଣପୁର, ମଧୁସୂଦନପୁର, ବୋଇତାଲୁପାଟଣା ଓ ଅନ୍ୟ ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ଆଞ୍ଚଳିକ ଉନ୍ନୟନ ପରିଷଦର ସମ୍ପାଦକ ଗୋବିନ୍ଦ ସାମଲ ଓ କମିଟିର ଅନ୍ୟାନ୍ୟ ସଦସ୍ୟ ଏଥିରେ ଭାଗ ନେଇ ନୂତନ ବ୍ଲକ୍ ପ୍ରତିଷ୍ଠା ନେଇ ଦାବି ଉପସ୍ଥାପନ କରିଥିଲେ। ଡିହବାରିଙ୍ଗ ନିକଟରେ ଅଧପନ୍ତରିଆ ହୋଇ ପଡିରହିଥିବା ସେତୁ ପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ୨ ଲକ୍ଷ ଲୋକଙ୍କ ଯାତାୟତରେ ବାଧା ସୃଷ୍ଟି ହୋଇଥିବାବେଳେ ବହୁ ପୁରାତନ ଶ୍ୟାମେଶ୍ୱର ପୀଠ ଅବହେଳିତ ହୋଇ ପଡିରହିଛି। ବିଭିନ୍ନ ଦୃଷ୍ଟିକୋଣରୁ ଏଠାରେ ନୂତନ ବ୍ଲକ୍ ହୋଇପାରିଲେ, ଏ ଅଞ୍ଚଳର ଉନ୍ନତି ହେବା ସଙ୍ଗେ ସଙ୍ଗେ ଧୋୟାଞ୍ଚଳର ବିକାଶ ଘଟିପାରନ୍ତା ବୋଲି ମତ ପ୍ରକାଶ ପାଇଥିଲା। ଏହି ବୈଠକରେ ଏଠାରେ ପ୍ରତିଷ୍ଠିତ ଭାରତମାତା ପ୍ରତିମୂର୍ତ୍ତିର ସୁରକ୍ଷା ପାଇଁ ଆଞ୍ଚଳିକ ଶ୍ୟାମେଶ୍ୱର ଉନ୍ନୟନ କମିଟି ପକ୍ଷରୁ ଜିଲ୍ଲା ସଂସ୍କୃତି ବିଭାଗର ଅବହେଳା ପାଇଁ କ୍ଷୋଭ ପ୍ରକାଶ କରାଯାଇଥିଲା। ଏଥିପାଇଁ ଏକ ନୂତନ କ୍ରିୟାନୁଷ୍ଠାନ କମିଟି ଗଠନ ହୋଇଥିଲା।



## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ



ବାଲିଚନ୍ଦ୍ରପୁର, ୧୧।୧(ସମିସ): ବଡ଼ଚଣା ଶିକ୍ଷାମଣ୍ଡଳ ଅଧୀନସ୍ଥ ବାଲିଚନ୍ଦ୍ରପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଅମର କୁମାର ନାୟକ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି ଶୈକ୍ଷିକ ବିକାଶ କ୍ଷେତ୍ରରେ ସର୍ବଭାରତୀୟ ସ୍ତରରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଭୂମିକାକୁ ପ୍ରଶଂସା କରିଥିଲେ। ପରିଚାଳନା ସମିତି ସଭାପତି ଅଜିତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ଶିକ୍ଷା ବିକାଶ ସମିତିର ଉତ୍ତର-ପୂର୍ବ ସଂଭାଗର ସଭାପତି ଶିବନାରାୟଣ ସିଂହ ଯୋଗ ଦେଇଥିଲେ। ପ୍ରଧାନ ଆଚାର୍ଯ୍ୟ ସତ୍ୟାନନ୍ଦ ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଏ ଅବସରରେ ବିଦ୍ୟାଳୟର ମୁଖପତ୍ର 'ସଂସ୍କୃତି'କୁ ଅତିଥିମାନେ ଉନ୍ମୋଚନ କରିଥିବାବେଳେ ବରିଷ୍ଠ ଆଚାର୍ଯ୍ୟ ରମେଶ ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ୨୦୨୩-୨୪ ମାଟ୍ରିକ ପରୀକ୍ଷାରେ ବିଦ୍ୟାଳୟ ପକ୍ଷରୁ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଓ ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ନବମ ଶ୍ରେଣୀ ଛାତ୍ର ଦୟାନାଦ ସାହୁ ଓ ଶୁଭଶ୍ରୀ ସାମଲ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ପ୍ରଧାନ ଆଚାର୍ଯ୍ୟ ପ୍ରଶାନ୍ତ ରାଉତ, ସୁଶ୍ରୀ ମିନାକ୍ଷୀ ଭୂୟାଁ ପରିଚାଳନା କରିଥିଲେ।

ଅଦିନିଆ ବର୍ଷାରେ ଫସଲ କ୍ଷତି

## ଚାଷୀଙ୍କୁ କ୍ଷତିପୂରଣ ଦେବାକୁ କୃଷକ ମୋର୍ଚ୍ଚାର ଦାବି

ବଡ଼ଚଣା, ୧୧।୧(ସମିସ)

ଅଦିନିଆ ବର୍ଷା ଯୋଗୁଁ ଧାନ ଓ ପରିବା ଫସଲର ବ୍ୟାପକ କ୍ଷତି ଘଟିଛି। ଫଳରେ ଚାଷୀକୁଳ ହତାଶ ହୋଇପଡ଼ିଛନ୍ତି। ଏପରିକି ଧାନଚାଷର ବ୍ୟାପକ କ୍ଷତି ସହିତ ଋଣ ବୋଝ ଚାପରେ ରାଜ୍ୟର ବିଭିନ୍ନ ଅଞ୍ଚଳର ୧୫ ଜଣ ଚାଷୀ ଆତ୍ମହତ୍ୟା କରିଛନ୍ତି। ଏଥିପାଇଁ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଛି। କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ରଞ୍ଜନ ଜେନାଙ୍କ ନେତୃତ୍ୱରେ ଚାଷୀ ଯତୀନ୍ଦ୍ର ଜେନା, ନଗେଶ ଜେନା, ଯୁଧିଷ୍ଠିର ସାହୁ, ଅଶୋକ ବିଶ୍ୱାଳ ଓ ସଚ୍ଚିଦାନନ୍ଦ ବଳ ପ୍ରମୁଖ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଅଦିନିଆ ବର୍ଷାଜନିତ ଫସଲ କ୍ଷତିର ତୁରନ୍ତ ନିରପେକ୍ଷ ତଦନ୍ତ କରାଯାଇ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ। ସେହିପରି ଧାନ ଫସଲର ସମ୍ପୂର୍ଣ୍ଣ କ୍ଷତି ପାଇଁ ଏକର ପିଛା ସର୍ବନିମ୍ନ ୨୫ ହଜାର ଟଙ୍କା ଓ ପନିପରିବା, ଅନ୍ୟାନ୍ୟ ଅର୍ଥକରୀ ଫସଲ କ୍ଷତି ପାଇଁ ସର୍ବନିମ୍ନ ୪୦ ହଜାର ଟଙ୍କା ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆତ୍ମହତ୍ୟା କରିଥିବା କୃଷକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ପ୍ରଦାନ ସହିତ ସମ୍ପୂର୍ଣ୍ଣ ଋଣ ଛାଡ଼ କରିବାକୁ ଦାବି କରାଯାଇଛି। ଅପରପକ୍ଷରେ ଧାନମଣ୍ଡିରେ ହେଉଥିବା ଅରାଜକତାକୁ ବନ୍ଦ କରାଯାଉ। ଫସଲ ବୀମା କରିଥିବା ଚାଷୀଙ୍କ ଫସଲ ଜନିତ କ୍ଷତି ନିମନ୍ତେ ତୁରନ୍ତ ଫସଲ ବୀମା ରାଶି ପ୍ରଦାନ କରିବାକୁ ବ୍ୟବସ୍ଥା କରାଯିବା ସହିତ ଏଥିପାଇଁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଉ। ଅଦିନିଆ ଲଗାଣ ବର୍ଷାରେ ହୋଇଥିବା କ୍ଷତି ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ପ୍ରଦାନ ପାଇଁ ରାଜ୍ୟ ସରକାର ଦାବି କରିବାକୁ କୃଷକ ମୋର୍ଚ୍ଚା ଦାବି କରିଛି।

## ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ଅପସାରଣ ସଚେତନତା



ଯାଜପୁର,୧୧।୧(ସମିସ): ଯାଜପୁର ବ୍ଲକ୍ ଅଧୀନସ୍ଥ ଗଣେଶ୍ୱରପୁର ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ଅପସାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନସ୍ଥ ସେଣ୍ଟର ଫର୍ ଏନ୍‌ଭରମେଣ୍ଟାଲ ଷ୍ଟଡ଼ିଜ୍ ଆନୁକୁଲ୍ୟରେ ଏକକ ବ୍ୟବହୃତ ପ୍ଲାଷ୍ଟିକ୍ ଅପସାରଣ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ଓ ଗ୍ରାମବାସୀଙ୍କ ଦ୍ୱାରା ସଚେତନତା ରାଲି ଲକ୍ଷ୍ମଣପୁର ଗ୍ରାମ ପରିକ୍ରମା କରିଥିଲା। ଗ୍ରାମର ମୁରବୀ ଶ୍ୟାମସୁନ୍ଦର ଭୁତିଆ ଏହି ରାଲିକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଭାରତୀ ବେହେରାଙ୍କ ସମେତ ଶିକ୍ଷୟିତ୍ରୀ ସସ୍ମିତା ନାୟକ, ପୁଷ୍ପଲତା ମିଶ୍ର, ସୁମିତ୍ରା ଜେନା, ପୁଷ୍ପଲତା ବେହେରା, ଶିକ୍ଷକ ରବିନାରାୟଣ ଦଳାଇ, ପ୍ରଭାରଞ୍ଜନ ସାହୁ, ସୁଚିସ୍ମିତା ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସହାୟତା କରିଥିଲେ। ଗାଁକୁ ଗାଁ ପରିକ୍ରମା କରି ପ୍ଲାଷ୍ଟିକ୍ ବର୍ଜନ କରିବା ପାଇଁ ପରାମର୍ଶ ଦେବା ସହିତ କପଡ଼ା ବ୍ୟାଗ୍ ବ୍ୟବହାର, ଷ୍ଟିଲ ଟିଫିନ ଆଦି ବ୍ୟବହାର ନିମନ୍ତେ ପରାମର୍ଶ ଦେଇଥିଲେ। ଗ୍ରାମରେ ଥିବା ଅଳିଆ ଗଦା ଓ ଆବର୍ଜନାକୁ ଶୋଭାଯାତ୍ରାକାରୀ ସଫା କରିଥିଲେ।

## ସୁଭାଷ ବୋଷ ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକ କ୍ରୀଡ଼ା



ପାଣିକୋଇଲି, ୧୧।୧(ସମିସ): ପାଣିକୋଇଲିସ୍ଥ ସୁଭାଷ ବୋଷ ଇଂରାଜୀ ମାଧ୍ୟମ ସ୍କୁଲର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଉପକନିଷ୍ଠ, କନିଷ୍ଠ ଓ ବରିଷ୍ଠ ବିଭାଗରେ ପ୍ରତିଯୋଗିତା ହୋଇଥିବାବେଳେ ସସ୍ମିତା ବିଶ୍ୱାଳ, ଆରିୟାନ ପରିଡ଼ା ଓ ଓମ ପ୍ରକାଶ ବେହେରା ଚାମ୍ପିଅନ ହୋଇଥିଲେ। ପ୍ରଧାନଶିକ୍ଷକ ରବୀନ୍ଦ୍ର ସେନାପତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମା' ତାରିଣୀ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟାପକ ବିଦ୍ୟାଧର ବେହେରା, ମୁଖ୍ୟବକ୍ତା ଭାବେ ବସନ୍ତ ତ୍ରିପାଠୀ ଓ ସମ୍ମାନିତ ଅତିଥି ଭାବେ ମୁସ୍ତାକ ଅଲ୍ଲୀ ଖାଁ, ସମାଜସେବୀ ଜହର ଅଲ୍ଲୀ ଓ ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ବିଜନ ଧଳ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

## ବରୀ ଥାନାରେ ନୂତନ ଥାନା ଅଧିକାରିଣୀଙ୍କ ଯୋଗଦାନ



ବରୀ,୧୧।୧(ସମିସ): ବରୀ ରାମଚନ୍ଦ୍ରପୁର ଥାନାରେ କାର୍ଯ୍ୟରତ ଥିବା ଥାନା ଅଧିକାରିଣୀ ସୁମତି କୁମାରୀ ମହାନ୍ତିଙ୍କ ବଦଳି ହେବା ପରେ ତାଙ୍କ ସ୍ଥାନରେ ଜ୍ୟୋତିର୍ମୟୀ ସେଠୀ ଯୋଗ ଦେଇଛନ୍ତି। ଥାନାରେ ଯୋଗଦେବା ପରେ କଲେଜ ଛାତ୍ରୀଙ୍କୁ ରାସ୍ତା ଉପରେ ଅସାମାଜିକ ଯୁବକଙ୍କ ଆକ୍ରମଣ କରିବା ଘଟଣା ସାମାଜିକ ଗଣମାଧ୍ୟମରେ ପ୍ରକାଶ ହେବା ପରେ ଏହାକୁ ଗୁରୁତ୍ୱ ଦେଇ ଦୁଇଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ଘଟଣା ତାଙ୍କ କାର୍ଯ୍ୟଦକ୍ଷତାର ପ୍ରମାଣ ଦେଇଛି। ଆଗାମୀ ଦିନରେ ବରୀ ଥାନା ଅଧୀନରେ ଆଇନଶୃଙ୍ଖଳା ରକ୍ଷା କରିବା କ୍ଷେତ୍ରରେ ସମସ୍ତଙ୍କ ସହଯୋଗ ଲୋଡ଼ିବି ବୋଲି ଥାନା ଅଧିକାରିଣୀ ପ୍ରକାଶ କରିଛନ୍ତି।

## ବାଲିଆ କଲେଜରେ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




ବରୀ,୧୧।୧(ସମିସ): ବାଲିଆସ୍ଥ ଅଭିମନ୍ୟୁ ସାମନ୍ତସିଂହାର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ମହିଳା ଆତ୍ମରକ୍ଷା ତାଲିମ ଶିବିର ଅଧକ୍ଷ ଜିତେନ୍ଦ୍ର କୁମାର ଦାଶଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ସଂଯୋଜିକା ଅଧ୍ୟାପିକା ମନ୍ଦାକିନୀ ସାମନ୍ତରାୟଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷିକା ସୂର୍ଯ୍ୟକାନ୍ତି ବିଶ୍ୱାଳ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଶିବିର ଏକ ସପ୍ତାହ ପର୍ଯ୍ୟନ୍ତ ଜାରି ରହିବ। କୌଣସି ଅପ୍ରୀତିକର ପରିସ୍ଥିତିରେ ମହିଳାମାନେ ନିଜକୁ ରକ୍ଷା କରିବା ସହ ନିଜେ ମାନସିକ ଓ ଶାରୀରିକ ଭାବେ ସୁଦୃଢ଼ ହେବା ଉଦ୍ଦେଶ୍ୟରେ ସରକାରଙ୍କ ପକ୍ଷରୁ ସେମାନଙ୍କୁ ଏହି ତାଲିମ ପ୍ରଦାନ କରାଯାଉଥିବା ପ୍ରଶିକ୍ଷକ ମତ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ଶୁଭଶ୍ରୀ ଦାଶ, ରଶ୍ମିତା ସାହୁ, ନିମାଇଁ ଚରଣ ଲେଙ୍କା, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ରାମକୃଷ୍ଣ ମିଶନ ପକ୍ଷରୁ ଜମଧର ପଞ୍ଚାୟତରେ କମ୍ବଳ ବଣ୍ଟନ




ବରୁଆଁ,୧୧।୧(ସମିସ): ସାରା ଓଡ଼ିଶା ହାଡ଼ଭଙ୍ଗା ଶୀତରେ ଥରୁଥିବାବେଳେ ରାମକୃଷ୍ଣ ମିଶନ ପୁରୀ ଶାଖା ପକ୍ଷରୁ ଯାଜପୁର ବ୍ଲକ୍ ଅନ୍ତର୍ଗତ ଜମଧର ପଞ୍ଚାୟତରେ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ପୁରୀ ଶାଖାର ସ୍ୱାମୀଜୀ ଗୋପାଳ ଆତ୍ମାନନ୍ଦଙ୍କ ନେତୃତ୍ୱରେ ପ୍ରତିବର୍ଷ ଶୀତଋତୁରେ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ କରାଯାଏ। ଏହି ମିଶନ ପକ୍ଷରୁ ସ୍ୱାମୀ କ୍ରିଷ୍ଣ ରୂପାନନ୍ଦ, ଅଧ୍ୟାପକ ସୁକାନ୍ତ ମହାନ୍ତି, ରଜତ ବୋଷ, ସ୍ନେହାଶିଷ ବସୁ, ସୀମନ୍ତ ସର୍ଖେଲ, ସମାଜସେବୀ ଯଯାତି କେଶରୀ ଦାସ ପ୍ରମୁଖ ଉପସ୍ଥିତ ରହି କମ୍ବଳ ବଣ୍ଟନ କରିଥିବାବେଳେ ଜମଧର ସରପଞ୍ଚ ବାଦଲ ଖୁଣ୍ଟିଆ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ପଞ୍ଚାୟତର ୨୦୦ରୁ ଊର୍ଦ୍ଧ୍ୱ ପରିବାରକୁ ଶୀତରୁ ରକ୍ଷା ପାଇବା ପାଇଁ କମ୍ବଳ ବଣ୍ଟାଯାଇଥିଲା। ପୂର୍ବତନ ସରପଞ୍ଚ ସୁମତି ମାଝୀ, ପିଇଓ ମନୋରମା ସାହୁ, ଲକ୍ଷ୍ମୀଧର ଖିଲାର, ସୁଧାଂଶୁ ସାମଲ, ରାଜେନ୍ଦ୍ର ପ୍ରସାଦ ସାହୁ, ଦେବବ୍ରତ ସାହୁ ପ୍ରମୁଖ ଏହି କମ୍ବଳ ବଣ୍ଟନରେ ସହଯୋଗ କରିଥିଲେ।

## ଆତ୍ମରକ୍ଷା ତାଲିମ ଶିବିର

ସୁକିନ୍ଦା,୧୧।୧(ସମିସ): ସୁକିନ୍ଦା ବ୍ଲକ୍ ଅନ୍ତର୍ଗତ ଡୁବୁରୀସ୍ଥ କପିଳେଶ୍ୱର ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଅଧକ୍ଷ ଯତୀନ କୁମାର ତ୍ରିପାଠୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। କାର୍ଯ୍ୟକ୍ରମ ସଂଯୋଜକ ରବୀନ୍ଦ୍ର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅଧ୍ୟାପକମାନେ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ କହିଥିଲେ। ମାଷ୍ଟର ଟ୍ରେନର ରୂପସୀ ଲେଙ୍କା ଏହି ଶିବିରର ଉଦ୍ଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ମତ ଦେଇଥିଲେ। ଏହି ଶିବିର ଆସନ୍ତା ୨୦ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏଥିରେ ୮୨ଜଣ ଛାତ୍ରୀ ଏଥିରେ ଅଂଶଗ୍ରହଣ କରିଛନ୍ତି।

ବରୁଣେଶ୍ୱର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

# 'ଛାତ୍ରଛାତ୍ରୀ ସମୟକୁ ଗୁରୁତ୍ୱ ଦେବା ଉଚିତ୍'




ବିଞ୍ଝାରପୁର, ୧୧।୧(ସମିସ)

ଯାଜପୁର ଜିଲ୍ଲାର ନାକ୍ ମାନ୍ୟତାପ୍ରାପ୍ତ ବରୁଣେଶ୍ୱର ମହାବିଦ୍ୟାଳୟ ସାଂସ୍କୃତିକ ସଂଘ ପକ୍ଷରୁ ୪୫ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ବିନ୍ଦୁରେଖା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥି ପୂର୍ବତନ ବାଚସ୍ପତି ତଥା ବିଧାୟିକା ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ, ଛାତ୍ର ଜୀବନରେ ନୈତିକ ଶୃଙ୍ଖଳା ବଜାୟ ରଖିବା ଆବଶ୍ୟକ। ସମୟ ଚାଲିଗଲେ ତାହା ଫେରେନାହିଁ। ତେଣୁ ଛାତ୍ରଛାତ୍ରୀ ସମୟକୁ ଗୁରୁତ୍ୱ ଦେବା ଉଚିତ। ପିତାମାତା ଓ ଗୁରୁଙ୍କ ପ୍ରତି ଭକ୍ତି ରଖିବା ପ୍ରଧାନ କର୍ତ୍ତବ୍ୟ ହେବା ଆବଶ୍ୟକ। ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା ଦାସ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ପୂର୍ବତନ ଅଧକ୍ଷ ବଟକୃଷ୍ଣ ମହାପାତ୍ର ଅନୁଷ୍ଠାନକୁ ଆଜି ଯେଉଁ ଦ୍ୱିତୀୟ ଶାନ୍ତି ନିକେତନରେ ପରିଣତ କରାଯାଇଛି, ତାହା ବର୍ତ୍ତମାନ ଓ ପୂର୍ବତନ ଅଧକ୍ଷଙ୍କ ଅକ୍ଲାନ୍ତ ପରିଶ୍ରମ, ତ୍ୟାଗ ଯୋଗୁଁ ସମ୍ଭବ ହୋଇପାରିଛି ବୋଲି କହିଥିଲେ। ଏହି ମହାବିଦ୍ୟାଳୟ ଛାତ୍ରଛାତ୍ରୀ କିପରି ଜାତୀୟ ଓ ଆନ୍ତର୍ଜାତିକ ସ୍ତରରେ କୃତିତ୍ୱ ହାସଲ ପାରିଛନ୍ତି, ସେ ବିଷୟରେ ସେ ଆଲୋକପାତ କରିଥିଲେ। ଅଧ୍ୟାପକ ବିଜୟକୃଷ୍ଣ ଦାଶ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ଅଧକ୍ଷା ବିନ୍ଦୁରେଖା ନାୟକ ସ୍ୱାଗତ ଭାଷଣ ଓ ଅଧ୍ୟାପକ ସୁବ୍ରତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଅରୁଣ ବିକାଶ କର ବେଦ ପାଠ ଓ ମନସ୍ୱିନୀ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଅଧ୍ୟାପକ କୃଷ୍ଣଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପ୍ରବୀର କର, ମିହିର ବିକାଶ ମହାନ୍ତି, ସଂସଦର ଉପସଭାପତି ରବୀନ୍ଦ୍ର କୁମାର ପରିଡ଼ା, ମଧୁସ୍ମିତା ସାମଲ, ଅନିରୁଦ୍ଧ ସାହୁ, ଅଶୋକ ସାହୁ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



## ବିଦ୍ୟୁତ୍ ବିଭାଗର ଅଣଦେଖା ▶ ହାତ ପାହାନ୍ତାରେ ଟ୍ରାନ୍ସଫର୍ମର, ଛାତ୍ରଛାତ୍ରୀଙ୍କ ପ୍ରତି ବିପଦ



**ଜେନାପୁର, ୧୧।୧(ସମିସ)**

ନିରାପଦରେ ବିଦ୍ୟୁତ୍ ସରବରାହ ପାଇଁ ଟାଟା ପାୱାର ଏବେ ସୁରକ୍ଷା ପ୍ରତି ଧ୍ୟାନ ଦେଉଥିବା ଦେଖାଯାଉଛି। ଅନେକ ସ୍ଥାନରେ ଝୁଲି ରହିଥିବା ତାରକୁ ସୁରକ୍ଷିତ ଉଚ୍ଚତାରେ ରଖିବା ସହିତ ମୁକୁଳା ପଡ଼ିଥିବା ଏକାଧିକ ଟ୍ରାନ୍ସଫର୍ମରକୁ ବାଡ଼ ବନ୍ଦୀ କରାଯାଇଛି। ତେବେ ଏଥିରେ ଭୁବନପୁର ଗ୍ରାମରେ ଥିବା ଟ୍ରାନ୍ସଫର୍ମର କ୍ଷେତ୍ରରେ ବ୍ୟତିକ୍ରମ ଦେଖାଯାଇଛି। କୁଆଖିଆ ଡିଭିଜନ କବାଟବନ୍ଧ ସେକ୍ସନ ଅନ୍ତର୍ଗତ ଭୁବନପୁର ଗ୍ରାମକୁ ବିଦ୍ୟୁତ୍ ସରବରାହ ପାଇଁ ଲାଗିଥିବା ଟ୍ରାନ୍ସଫର୍ମରଟି ବିପଦପୂର୍ଣ୍ଣ ଅବସ୍ଥାରେ ହାତ ପାହାନ୍ତାରେ ଦୀର୍ଘ ଦିନ ଧରି ରହିଥିଲେ ମଧ୍ୟ ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ ନିଘା ନାହିଁ। ବିଦ୍ୟାଳୟ ଖେଳ ପଡ଼ିଆକୁ ଲାଗି ରହିଥିବାବେଳେ ଅଙ୍ଗନବାଡ଼ି କେନ୍ଦ୍ର ଏହାର ଅନତି ଦୂରରେ ରହିଛି। ଯାହାକି ବିଦ୍ୟାଳୟ ଓ ଅଙ୍ଗନବାଡ଼ି ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରୁଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

ବିଦ୍ୟୁତ୍ ସଂଯୋଗ ପାଇଁ ୩୩ କେଭି ଓ ୧୧ କେଭି ଦୁଇଟି ଟ୍ରାନ୍ସଫର୍ମର ବିଦ୍ୟାଳୟଠାରୁ ୩୦ ମିଟର ଓ ଅଙ୍ଗନବାଡ଼ି କେନ୍ଦ୍ର ପାଖରୁ ୫୦ ଫୁଟ, ରାସ୍ତାଠାରୁ ୧୦ ଫୁଟ ଦୂରତାରେ ରହିଛି। ପାଖରେ ଥିବା ରାସ୍ତାଟି ଚଳଚଞ୍ଚଳ ହେତୁ ପ୍ରତିଦିନ ପଥଚାରୀ, ଗୃହପାଳିତ ପଶୁଠାରୁ ଆରମ୍ଭ କରି ଛୋଟ ଛୋଟ ଛାତ୍ରଛାତ୍ରୀଙ୍କ ପାଇଁ ବିପଦ ହୋଇଛି। ଏହାର ଚତୁପାର୍ଶ୍ୱ ମୁକୁଳା ଥିବା କାରଣରୁ ଯଦି କେବେ କୌଣସି ଅଘଟଣ ଘଟେ ସେଥିପାଇଁ ଦାୟୀ କିଏ ରହିବ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ବିଦ୍ୟୁତ୍ ମାନଦଣ୍ଡ ନିୟମାନୁଯାୟୀ ଟ୍ରାନ୍ସଫର୍ମର ଚତୁପାର୍ଶ୍ୱକୁ ଆବଦ୍ଧ କରିବା ସହିତ ସାବଧାନ ଫଳକ ଲଗାଯିବା କଥା। କିନ୍ତୁ ଏଠାରେ ବିଦ୍ୟୁତ୍ ନିୟମାବଳୀକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇଛି। ଏଥିପ୍ରତି ବିଭାଗୀୟ ଅଧିକାରୀଙ୍କ କୌଣସି ଦାୟିତ୍ୱବୋଧ ନ ଥିବା ସାଧାରଣରେ ଆଲୋଚନା ହେଉଛି।

## ଅଖିଳଚକ୍ରର ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**ବିଞ୍ଝାରପୁର, ୧୧।୧ (ସମିସ):** ଯାଜପୁର ଜିଲ୍ଲାରେ ଅଖିଳଚକ୍ର ପୁରାତନ ଅନୁଷ୍ଠାନ। ପ୍ରତିବର୍ଷ ଜିଲ୍ଲାର ବିଭିନ୍ନ ସ୍କୁଲ ଛାତ୍ରଛାତ୍ରୀଙ୍କୁ ନେଇ ମକର ମିଳନ ଉପଲକ୍ଷେ ପ୍ରତିଭା ଅନ୍ୱେଷଣ କରାଯାଏ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭା ଖୋଜି ଲୋକଲୋଚନକୁ ଆଣିବାକୁ ଅଖିଳଚକ୍ର ପ୍ରୟାସ ଜାରି ରଖିଛି। ଚଳିତ ବର୍ଷ ପାଇଁ ଏକ ପ୍ରସ୍ତୁତି ବୈଠକ ମକର ମିଳନ କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ପୁରସ୍କାର ବିଭିନ୍ନ ପ୍ରତିଭାବାନ ଲୋକଙ୍କ ନାମରେ ନାମିତ କରାଯାଇ ସେମାନଙ୍କ ସ୍ମୃତି ରକ୍ଷା ନିମନ୍ତେ ଉଦ୍ୟମ ହୋଇଛି। ତର୍କ ବିଭାଗରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ କମଳାଦେବୀ ନବପ୍ରତିଭା ପୁରସ୍କାର, କଣ୍ଠ ସଙ୍ଗୀତ ବିଭାଗର ରତ୍ନମଣୀ ଦେବୀ ସ୍ମୃତି ପୁରସ୍କାର, ସାଧାରଣ ଜ୍ଞାନ ପାଇଁ ସାଉଁଟି ହାରାମଣୀ ସ୍ମୃତି ପୁରସ୍କାର, ପ୍ରବନ୍ଧ ଲିଖନ ପାଇଁ ରାମଚନ୍ଦ୍ର ସ୍ୱାଇଁ ସ୍ମୃତି ପୁରସ୍କାର, ଗଣିତ ମେଧା ପାଇଁ ମଞ୍ଜୁଳା ଦେବୀ ସ୍ମୃତି ପୁରସ୍କାର, ନୃତ୍ୟ ପାଇଁ ଚଳିତ ବର୍ଷ ଇଂଜିନିୟର ସିଦ୍ଧାର୍ଥ ନାୟକ ସ୍ମୃତି ପୁରସ୍କାର, ଯିଏକି ଜଣେ ପରୋପକାରୀ, ଯୁବ ଇଂଜିନିୟର ଥିଲେ ତାଙ୍କର ଅକାଳ ବିୟୋଗରେ ଅଖିଳଚକ୍ର ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଥିଲା। ଏହାବ୍ୟତୀତ ଚିତ୍ରାଙ୍କନ ପାଇଁ ପବିତ୍ରା ସାମଲ ସ୍ମୃତି ପୁରସ୍କାର, କବିତା ଲିଖନ ପାଇଁ ବାଉଲୀ ସାହୁ ସ୍ମୃତି ପୁରସ୍କାର, ଯିଏ କି ଅଖିଳଚକ୍ରର ଜଣେ ସଦସ୍ୟ ଓ ଜଣେ କବି ଭାବେ ପରିଚିତ ଥିଲେ। ଏକକ ଅଭିନୟ ପାଇଁ ଅଦ୍ୱୈତ ବେଉରିଆ ସ୍ମୃତି ପୁରସ୍କାର, କୁଇଜ ପାଇଁ ଛାୟାମଣି ସାହୁ ସ୍ମୃତି ପୁରସ୍କାର, ସମ୍ବାଦ ଲିଖନ ପାଇଁ ଇଂଜିନିୟର ସୁପ୍ରତ୍ୟୁଷ ଜେନା ସ୍ମୃତି ପୁରସ୍କାର, ଯିଏକି ଜଣେ ମେଧାବୀ ଓ ଚରିତ୍ରବାନ ଯୁବକ ଥିଲେ। ସେ ଭୂତତ୍ତ୍ୱ ଉପରେ ସାରା ଓଡ଼ିଶାରେ ବିଭିନ୍ନ ବିଭାଗ ପକ୍ଷରୁ ପ୍ରଶଂସିତ। ତାଙ୍କର ଅକାଳ ବିୟୋଗରେ ଅଖିଳଚକ୍ର ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯାଇଥିଲା। ଏଭଳି ପ୍ରତିଭାବାନଙ୍କ ନାମରେ ନାମିତ ପୁରସ୍କାର ୫୦ ଜଣ ଛାତ୍ରଛାତ୍ରୀଙ୍କୁ ମକର ସଂକ୍ରାନ୍ତି ଦିନ ଉତ୍ସବରେ ପୁରସ୍କୃତ କରାଯିବ। ଏହାବ୍ୟତୀତ ଜଣେ ମାଟ୍ରିକ ଟପ୍ପରଙ୍କୁ ପୀତବାସ ରଥ ସ୍ମୃତି ପୁରସ୍କାର ପ୍ରଦାନ କରାଯିବ ବୋଲି ସମ୍ପାଦକ ହରେକୃଷ୍ଣ ପଣ୍ଡା, ସହସମ୍ପାଦକ ଗୌରାଙ୍ଗ ସ୍ୱାଇଁ, ରବୀନ୍ଦ୍ର ପରିଡ଼ା ସୂଚନା ଦେଇଛନ୍ତି। ଏଥିପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଦାନଗଦି, ୧୧।୧(ସମିସ):** ଯଖପୁରା ଥାନା ଅନ୍ତର୍ଗତ ତେଲିବାହାଳୀ ମୁଣ୍ଡାସାହିରେ ଆଜି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ମୃତ ଯୁବକ ଜଣକ ବିଦ୍ୟାଧର ମୁଣ୍ଡା। ଯଖପୁରା ପୁଲିସ ପହଞ୍ଚି ମୃତଦେହ ଜବତ କରି ଦାନଗଦି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇ ତଦନ୍ତ ଜାରି ରଖିଛି। ତେବେ ଯୁବକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଥିବା ଡାକ୍ତରଙ୍କ ପକ୍ଷରୁ ସୂଚନା ମିଳିଛି।

## ସଡ଼କ ସୁରକ୍ଷା ସଚେତନତା

**କୁନ୍ଦଳ, ୧୧।୧(ସମିସ):** ରାଜ୍ୟରେ ସଡ଼କ ସୁରକ୍ଷା ସପ୍ତାହ ପାଳନ ହେଉଥିବାବେଳେ ପରିବହନ, ପୁଲିସ ବିଭାଗ ଓ ଟ୍ରାଫିକ୍ ପୁଲିସ ପକ୍ଷରୁ ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ଚାଲୁରହିଛି। ଏଥିସହିତ ବିଭିନ୍ନ ସ୍କୁଲ, କଲେଜ, ବେସରକାରୀ ଓ ସମାଜସେବା ସଂଗଠନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କ୍ରମରେ ବାଲିଚନ୍ଦ୍ରପୁରସ୍ଥ ଓଡ଼ିଶା ଷ୍ଟେଟ ବ୍ରିଗେଡ୍ ସ୍କୁଲ ପକ୍ଷରୁ ଏକ ଶୋଭାଯାତ୍ରା ଆୟୋଜିତ ହୋଇଛି। ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ସଚେତନତାତ୍ମକ ପ୍ଲା-କାର୍ଡ ଧରି ସ୍ଥାନୀୟ ଅଞ୍ଚଳ ପରିକ୍ରମା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶିକ୍ଷକ ନାରାୟଣ ବାରିକ, ପ୍ରକାଶ ରାଉତରାୟ ଓ ଶିକ୍ଷୟିତ୍ରୀ ତୃପ୍ତିମୟୀ ସାହୁଙ୍କ ନେତୃତ୍ୱରେ ବିଦ୍ୟାଳୟ ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

## ବିଧାୟକ ଓ ଅଧିକାରୀଙ୍କ ଓଳାଶୁଣୀ ପାହାଡ଼ ପରିଦର୍ଶନ



**କୁନ୍ଦଳ, ୧୧।୧(ସମିସ):** ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଓଳାଶୁଣୀ ପୀଠରେ ମହାନ ସନ୍ଥ ଅରକ୍ଷିତ ଦାସଙ୍କ ମହାପ୍ରୟାଣ ଦିବସ ୨୫ ତାରିଖ ଦିନ ପଡୁଥିବାରୁ ବଡ଼ଚଣା ବିଧାୟକ ଅମର କୁମାର ନାୟକ ପ୍ରଶାସନିକ ଅଧିକାରୀଙ୍କୁ ନେଇ ପାହାଡ଼ର ଚତୁପାର୍ଶ୍ୱ ବୁଲି ଦେଖିଛନ୍ତି। ପାହାଡ଼ର ପୂର୍ବପଟ ପାଦଦେଶରେ ମା'ଓଳାଶୁଣୀ ଦଣ୍ଡାୟମାନ। ପୂର୍ବପଟ କିପରି ଉନ୍ନତିକରଣ ହୋଇପାରିବ ସେନେଇ ସ୍ଥାନୀୟ ପଞ୍ଚାୟତବାସୀ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ଶ୍ରୀ ନାୟକ ମା'ଙ୍କ ନିକଟରେ ମେଳା ସମୟରେ ହଜାର ହଜାର ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ଭୋଜନ ମଣ୍ଡପ, କମୁନାଲ ଶୌଚାଳୟ, ମା'ଙ୍କ ନିକଟରୁ ତଳ ରାସ୍ତା ପଶ୍ଚିମ ପଟ ମୁଖ୍ୟ ରାସ୍ତାରେ ସଂଯୋଗ ହେବ, ତାହାର ଉନ୍ନତିକରଣ, ପୁଷ୍କରଣୀ ନିର୍ମାଣ ଓ ମା'ଙ୍କ ପ୍ରବେଶ ପଥରେ ତୋରଣ ଗେଟ କରାଯିବ ବୋଲି ବିଧାୟକ ସୂଚନା ଦେଇଛନ୍ତି। ପରେ ପାହାଡ଼ର ମଧ୍ୟଭାଗରେ ଥିବା ଡାକବଙ୍ଗଳା ନିକଟକୁ ଯାଇ ସେଠାରେ ନିର୍ମାଣାଧୀନ ପାନୀୟ ଜଳ ବୋର୍ଟିଂ ଦେଖିବା ସହ ପାହାଡ଼ର ଶୀର୍ଷଦେଶକୁ କିପରି ମେଳା ପୂର୍ବରୁ ପାନୀୟଜଳ ଯୋଗାଇ ଦିଆଯିବ, ସେନେଇ ତୁରନ୍ତ ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୫୩ନଂ ଜାତୀୟ ରାଜପଥରୁ ମେଳା ପର୍ଯ୍ୟନ୍ତ ରାସ୍ତା ପରିଷ୍କାର କରିବା ସହିତ ଆଲୋକୀକରଣ ଓ ମେଳା ପଡ଼ିଆରେ ପାନୀୟ ଜଳ ଯୋଗାଇବାକୁ ବିଧାୟକ କହିଥିଲେ। ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିରରେ ଆଶୀର୍ବାଦ ନେବା ପରେ ପୀଠ ପୀଠାଧିସ ମହନ୍ତ ଡଃ ନାମାନନ୍ଦ ଦାସ ବିଧାୟକଙ୍କୁ ପୀଠ ଚାରିପଟ ବୁଲାଇ ବିଭିନ୍ନ ସମସ୍ୟା ସମ୍ପର୍କିତ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକଙ୍କ ସହ ପଲେଇ ପଞ୍ଚାୟତ ପକ୍ଷରୁ ଅଶୋକ ସାମଲ, ସୁମନ୍ତ ସାମଲ, ବିଭୂତିଭୂଷଣ ସାମଲ, ମନୋଜ ପ୍ରଧାନ, ବିପିନ ସାମଲ, ବିକ୍ରମ ପ୍ରଧାନ, ନିଶିକାନ୍ତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଲୁମୁନି କପ୍ କ୍ରିକେଟ୍ ଉଦ୍‌ଘାଟିତ




### ସଡ଼କ ସୁରକ୍ଷା ପାଇଁ ବିରାଟ ସାଇକଲ୍ ଶୋଭାଯାତ୍ରା

**ବ୍ୟାସନଗର, ୧୧।୧(ସମିସ):** ରସୁଲପୁର ବ୍ଲକ ଲକ୍ଷ୍ମୀନଗରର ପଞ୍ଚାୟତ ହିଙ୍ଗୁଳା ହାଇସ୍କୁଲର ପୁରାତନ ଛାତ୍ର ସଂଘ ପକ୍ଷରୁ ଆଲୁମୁନି କପ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଗତବର୍ଷ ବିଶାଳ ତ୍ରିରଙ୍ଗା ଯାତ୍ରା କରି ନିଆରା ପ୍ରୟାସ କରିଥିବା ସଂଘ ବର୍ତ୍ତମାନ ଚାଲିଥିବା ଜାତୀୟ ସଡ଼କ ସୁରକ୍ଷା ମାସ ପାଇଁ ଉଦ୍‌ଘାଟନୀ ଉତ୍ସବରେ ବିଶାଳ ସାଇକଲ ଶୋଭଯାତ୍ରା ତରାପୁର ମା' ହିଙ୍ଗୁଳା ପୀଠରୁ ବାହାରି ବାଲିଆପଶି, ଭିକିପୁର ଛକ ଦେଇ ଠାକୁରପାଟଣା ଛକରେ ପହଞ୍ଚିଥିଲା। ଏହାକୁ ଯାଜପୁରର ଆରଟିଓ ରାଜେଶ ମଙ୍ଗରାଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପରେ ଠାକୁରପଟଣା ମଙ୍ଗଳା ଛକରେ ପହଞ୍ଚି ଆଲୁମନି ଆସୋସିଏସନ୍‌ର ସମସ୍ତ ଛାତ୍ର, ସଦସ୍ୟ ମାନବ ଶୃଙ୍ଖଳ କରି 'ସଡ଼କ ସୁରକ୍ଷା, ଜୀବନ ରକ୍ଷା' ବାର୍ତ୍ତା ଦେଇଥିଲେ। ପରେ ପୁନଶ୍ଚ ସାଇକଲ ଶୋଭାଯାତ୍ରା କରି କୃଷ୍ଣନଗର, ଲକ୍ଷ୍ମୀନଗର, ରାଧାନଗର ଦେଇ ମା' ହିଙ୍ଗୁଳା ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ପୁରାତନ ଛାତ୍ରଙ୍କଠାରୁ ମଶାଲ ପଞ୍ଚାୟତ ହିଙ୍ଗୁଳା ହାଇସ୍କୁଲର ପ୍ରଧାନଶିକ୍ଷକ ଦେବ ପ୍ରକାଶ ସାହୁ ଗ୍ରହଣ କରି ଖେଳକୁ ଉଦଘାଟନ କରିଥିଲେ। ସ୍କୁଲରେ ପଢୁଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ଦେଶାତ୍ମକବୋଧ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଓ ପରେ ନୃତ୍ୟ କାର୍ଯ୍ୟକ୍ରମ ହୋଇଥିଲା। ଏହି ଉତ୍ସବରେ ଶିକ୍ଷକ ଉତ୍ତମ ସାହୁ, କାଳନ୍ଦୀ ଚରଣ ଭଞ୍ଜ ଓ ସୂର୍ଯ୍ୟମଣି ରାଉତ ଉପସ୍ଥିତ ରହି ଖେଳକୁ ଉପଭୋଗ କରିଥିଲେ।

୨୦୨୫ ସଂସ୍କରଣର ଲିଗ୍ ପର୍ଯ୍ୟାୟରେ ୧୯୯୪, ୨୦୦୪, ୧୯୯୭, ୨୦୧୪, ୨୦୧୧, ୨୦୦୩, ୨୦୦୬, ୧୯୯୯ ଓ ୨୦୧୬ ବ୍ୟାଚ୍ ବିଜୟୀ ହୋଇ ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛି। ପୁରାତନ ଛାତ୍ର ସଂଘର ମଦନମୋହନ ବେହେରା, ଆଲେକଜାଣ୍ଡର ଦାସ, ରମାକାନ୍ତ ବେହେରା, ଉମେଶ ଦାସ, ବିକାଶ ସାହୁ, ଜଗନ ସାହୁ, ତାରିଣୀ ପ୍ରସାଦ ବିଶ୍ୱାଳ, ବିମ୍ବାଧର ସାମଲ, ବିଭୁସୁନ୍ଦର ବିଶ୍ୱାଳ, ନିରଞ୍ଜନ ସାହୁ, ସୁଧାକର ଜେନା ଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ। ଉକ୍ତ ଦୁଇଦିନିଆ ପ୍ରତିଯୋଗିତାରେ ୩୩ଟି ଦଳ ଭାଗ ନେଇଛନ୍ତି।

## ଶୋଭନୀୟ ଶିକ୍ଷାଶ୍ରମର ବାର୍ଷିକ ଉତ୍ସବ



**ବାଲିକୁଦା, ୧୧।୧(ସମିସ):** ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ପର୍ଯ୍ୟଟନ କ୍ଷେତ୍ର ଉଦୟଗିରିସ୍ଥ ଶୋଭନୀୟ ଶିକ୍ଷାଶ୍ରମରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହେଉଛି। ଶନିବାର ପ୍ରଥମ ଦିବସରେ ଆମେରିକାର ଆନ୍ତର୍ଜାତିକ ବୌଦ୍ଧ ଧର୍ମ ଫାଉଣ୍ଡେସନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ଡଃ. କୁନ ଜାଙ୍ଗ ୱାଙ୍ଗମୋ ଡିକ୍‌ସେ ଯୋଗଦେଇ ପତାକା ଉତ୍ତୋଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ଚଳିତ ବର୍ଷ ଉତ୍ସବକୁ ଗୁରୁ ପଦ୍ମସମ୍ଭବଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ କରାଯାଇଥିବା ନିର୍ଦ୍ଦେଶିକା ଡଃ ଅରୁନ୍ଧତୀ ଦେବୀ ସୂଚନା ଦେଇଥିଲେ। କାମ୍ବୋଡ଼ିଆର ବୌଦ୍ଧ ସନ୍ନ୍ୟାସୀ ଭେନେରେବଲ ଚାଣ୍ଡି ଯୋଗଦେଇ ଉଦୟଗିରିର ପ୍ରାକୃତିକ ଶାନ୍ତ ପରିବେଶ ବହୁତ ଆନନ୍ଦ ଦେଉଛି। ବିଶ୍ୱଶାନ୍ତି ଓ ଜଗତକଲ୍ୟାଣ ନିମନ୍ତେ ପ୍ରାର୍ଥନା କରିବା ପାଇଁ ଏହା ଏକ ପ୍ରକୃଷ୍ଟ ସ୍ଥାନ ବୋଲି ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ଥାଇଲେଣ୍ଡର ଆମପୋଲ ପୋଲମ୍ୟାନ, ଭିଏତନାମ ସଂଘର ମୁଖ୍ୟ ହୁନ ହଁ ମିନହ ଥୁଆନ ପ୍ରମୁଖ ପ୍ରଥମ ଅଧିବେଶନରେ ଯୋଗଦେଇଥିଲେ।

ଦ୍ୱିତୀୟ ଅଧିବେଶନରେ ଶୋଭନୀୟ ଆନ୍ଦୋଳନର ନିର୍ଦ୍ଦେଶିକା ଡଃ ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥିମାନେ ଯୋଗଦେଇ ଯୁଗସ୍ରଷ୍ଟା ପୂଜ୍ୟ ଶ୍ରୀକୁମାର ଭାଇଙ୍କ ବିଷୟରେ ବିଭିନ୍ନ ଉଦାହରଣ ରଖି ତାଙ୍କୁ ଏ ଯୁଗର ଦ୍ୱିତୀୟ ବିବେକାନନ୍ଦ ବୋଲି ଅଭିହିତ କରିଥିଲେ। ମୁଖ୍ୟଅତିଥି ଭାବେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡଃ କୁମରବର ଦାସ ଯୋଗଦେଇ ଶିକ୍ଷା କିପରି ଦୀକ୍ଷା ସାଙ୍ଗରେ ଯୋଡ଼ିହେବ, ଦୀକ୍ଷା ବିହିନ ଶିକ୍ଷାର କିଛି ମାନେ ନାହିଁ। ଶୋଭନୀୟ ଶିକ୍ଷାଶ୍ରମ ଏମିତି ଏକ ଅନୁଷ୍ଠାନ ପ୍ରଥମେ ଦୀକ୍ଷା, ତା' ସାଙ୍ଗକୁ ଶିକ୍ଷା ପ୍ରଦାନ କରାଯାଉଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷିକେଶ ରଥ ଯୋଗଦେଇ କୁମାର ଭାଇଙ୍କ ଦ୍ୱାରା ପ୍ରତିଷ୍ଠିତ ଅନୁଷ୍ଠାନ ଆଜି ବିଶାଳ ଦ୍ରୁମରେ ପରିଣତ ହୋଇଛି। ସମ୍ମାନିତ ଅତିଥି ଭାବେ ପ୍ରଫେସର କାଳୀକିଙ୍କର ପଟ୍ଟନାୟକ, ଗାୟତ୍ରୀ ମହାନ୍ତି, ପ୍ରବାସୀ ଭାରତୀୟ ସୁକାନ୍ତ ସାହୁ, ପୂର୍ବତଟ ରେଳବାଇର ଅବସରପ୍ରାପ୍ତ ସୁପରିଟେଣ୍ଡେଣ୍ଟ ଶରତ ଚନ୍ଦ୍ର ପ୍ରଧାନ ଯୋଗଦେଇଥିଲେ। ବର୍ଷିୟାନ ସାମାଜିକ କର୍ମୀ ବିପିନ ବିହାରୀ ଦକ୍ଷିଣରାୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମିନତୀ ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ



**ଯାଜପୁର, ୧୧।୧(ସମିସ):** ମୁଗୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଜାତୀୟ ସବୁଜ ବାହିନୀ ଜିଲ୍ଲା କାର୍ଯ୍ୟକାରିଣୀ ଓ ମୂଲ୍ୟାୟନ କମିଟି ଆନୁକୂଲ୍ୟରେ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ପରିବେଶ ଶିକ୍ଷାକେନ୍ଦ୍ର ସହାୟତାରେ ଏକଦିବସୀୟ ୫୦ ଯୁବ ଇକୋ କ୍ଲବ୍ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅଧିକାରୀ କୁଳମଣି ନାୟକ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯାଜପୁର ଜିଲ୍ଲାର ଉଦ୍ୟାନ ଅଧୀକ୍ଷକ ହରମୋହନ ମହାପାତ୍ର ମୁଖ୍ୟବକ୍ତା ରୂପେ ଯୋଗଦେଇ ପରିବେଶ ସଫା ରଖିବା ଓ ବୃକ୍ଷରୋପଣ ଦ୍ୱାରା ପରିବେଶ ସୁରକ୍ଷିତ ହେବା ସହିତ ଆଗାମୀ ପିଢ଼ି ପାଇଁ ପରିବେଶ ସୁରକ୍ଷିତ ରହି ପରିବାର ସହିତ ଦୀର୍ଘ ନିରାମୟ ଜୀବନଯାପନ ସମ୍ଭବ ହୋଇପାରିବ ବୋଲି କହିଥିଲେ। ମୁଖ୍ୟ ପ୍ରଶିକ୍ଷକ ଡଃ ନୃସିଂହ ଚରଣ ବେହେରା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଆବାହକ ଡଃ ଶରତ କୁମାର ସାହୁ ପ୍ରଶିକ୍ଷଣର ଆବଶ୍ୟକତା, ଉପାଦେୟତା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ବନ୍ଦନା ପଣ୍ଡା, ବିଷ୍ଣୁଚରଣ ସାହୁ, ଯୁଗପ୍ରଭା ସାବତ, ଗାୟତ୍ରୀ ନାୟକ ପ୍ରମୁଖ ଏକକ ବ୍ୟବହୃତ ପ୍ଲାଷ୍ଟିକର ବିକଳ୍ପ ଓ ବର୍ଜ୍ୟ ପ୍ଲାଷ୍ଟିକରୁ ପ୍ରସ୍ତୁତ ବିଭିନ୍ନ ଗୃହ ସଜା ବସ୍ତୁ ପ୍ରସ୍ତୁତି ସମ୍ବନ୍ଧରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଶିକ୍ଷକ ଓ ଶିକ୍ଷୟିତ୍ରୀ ପ୍ଲାଷ୍ଟିକ, ବାଉଁଶ, ଜରି, କପଡ଼ା ଓ କାଗଜରୁ ପ୍ରସ୍ତୁତ ଥଳି, ଫୁଲଦାନୀ ଓ ଅନ୍ୟାନ୍ୟ ସାମଗ୍ରୀ ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧରେ ପ୍ରଶିକ୍ଷଣ ଲାଭ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହମୟୀ ଜେନା ସଭାପତିତ୍ୱ କରିଥିବାବେଳେ ବିଷ୍ଣୁଚରଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ସାଡୋ ଅଫ୍ ଡାର୍କନେସ' ଓ 'ଛାଇ ଛାଇ ଅନ୍ଧାର' ପୁସ୍ତକ ଉନ୍ମୋଚିତ



**ଜାରକା, ୧୧।୧(ସମିସ):** ଜାରକାସ୍ଥ ପ୍ରେସ୍ କ୍ଲବ ପରିସରରେ ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ଅନୁବାଦ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଗୋକର୍ଣ୍ଣିକା ସାହିତ୍ୟ ସମାଜର ସଭାପତି ରମାକାନ୍ତ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ବ୍ୟାସନଗର କଲେଜର ପୂର୍ବତନ ଅଧ୍ୟକ୍ଷ କୁଶଧ୍ୱଜ ପ୍ରଧାନ, ବାବା ଭୈରବାନନ୍ଦ କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ଯତିନ୍ଦ୍ର ରାଉତ, ବ୍ରହ୍ମବରଦା କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ବିକ୍ରମ ମହାପାତ୍ର ଯୋଗଦେଇ ଅନୁବାଦର ଗଭୀର ଅନୁଶୀଳନ ଓ ମୌଳିକ ଚିନ୍ତନ ହିଁ ଅନୁବାଦର ସୃଷ୍ଟି ବୋଲି ଆଲୋକପାତ କରିଥିଲେ। ଅତିଥିମାନେ ପ୍ରାଧ୍ୟାପକ ସନ୍ତୋଷ ବେହେରାଙ୍କ ପୁସ୍ତକ 'ସାଡୋ ଅଫ୍ ଡାର୍କନେସ' ଓ ଡ. ରବୀନ୍ଦ୍ର ବିହାରୀଙ୍କ 'ଛାଇ ଛାଇ ଅନ୍ଧାର' ପୁସ୍ତକକୁ ଲୋକାର୍ପଣ କରିଥିଲେ। ଆଲୋଚକ ଭାବେ ଡ. ତୁହିନାଂଶୁ ରଥ, ଡ. ପ୍ରଶାନ୍ତ ସ୍ୱାଇଁ, ଡ. ଇନ୍ଦୁପ୍ରଭା ସାମଲ, କବି କାହ୍ନୁଚରଣ ଦାଶ, ସୁନାକର ସାହୁ, ବ୍ରଜକିଶୋର ଦାଶ, ପଦ୍ମଭୂଷଣ ପଣ୍ଡା, ବିଜୟ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ସମ୍ପାଦକ ମହେଶ୍ୱର ପାଢ଼ୀ ସୂଚନା ପ୍ରଦାନ କରିଥିବାବେଳେ ପ୍ରତାପରୁଦ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବରାହ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍ ଅଭିଯୋଗ



**ଯାଜପୁର, ୧୧।୧(ସମିସ):** ବରାହ ମନ୍ଦିରରେ ରହିଥିବା ହୁଣ୍ଡି ଭାଙ୍ଗି ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ମନ୍ଦିରର ଉତ୍ତର ଦ୍ୱାର କବାଟ ଭାଙ୍ଗି କେହି ଦୁର୍ବୃତ୍ତ ମନ୍ଦିର ଭିତରେ ଥିବା ହୁଣ୍ଡିକୁ ପଦାକୁ ଆଣି ସେଥିରୁ ଟଙ୍କା ନେଇ ଯାଇଥିବା ଜଣାପଡ଼ିଛି। ଆଜି ସକାଳୁ ଏହା ଜଣାପଡ଼ିବା ପରେ ସେବାୟତଙ୍କ ପକ୍ଷରୁ ଏ ସମ୍ପର୍କରେ ଯାଜପୁର ଥାନାକୁ ଅବଗତ କରାଯାଇଛି। ଏପରିକି ମନ୍ଦିର ଟ୍ରଷ୍ଟି ତଥା ତହସିଲଦାରଙ୍କୁ ମଧ୍ୟ ଅବଗତ କରାଯାଇଛି। ଏହାର ତଦନ୍ତ କରାଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମହେନ୍ଦ୍ର ଦୀକ୍ଷିତ, କୈଳାସ ବଡୁ, କାର୍ତ୍ତିକ ବଡୁ, କାଳନ୍ଦୀ ଚରଣ ବଡୁ ପ୍ରମୁଖ ଦାବି କରିଛନ୍ତି।


! ନିଯୁକ୍ତି ! ! ନିଯୁକ୍ତି ! ! ନିଯୁକ୍ତି !




୧୦୮
EMRI GREEN HEALTH SERVICES

ନିଯୁକ୍ତି ସୁଯୋଗ

୧୦୮ ଆମ୍ବୁଲାନ୍ସ ସେବା

ଡ୍ରାଇଭର ଏବଂ ଇ.ଏମ୍.ଟି ଆବଶ୍ୟକ (କେବଳ ପୁରୁଷ)

| ପଦବୀ | ଡ୍ରାଇଭର୍ | ଜରୁରୀ ଡାକ୍ତରୀ ସହକର୍ମୀ (ଇ.ଏମ୍.ଟି) |
|---|---|---|
| ଯୋଗ୍ୟତା | ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏଲ୍ଏମ୍‌ଭି (କମରସିଆଲ) ଏବଂ ବ୍ୟାଜ୍ ଲାଇସେନ୍ସ, ୮ମ ପାସ୍ କିମ୍ବା ତଦୂର୍ଦ୍ଧ ହେବା ଦରକାର | ବି.ଫାର୍ମା/ଡି.ଫାର୍ମା/ ଜି.ଏନ୍.ଏମ୍/ ବି.ଏସ୍.ସି (ନର୍ସି) ଏବଂ +୨ ବିଜ୍ଞାନ (ଅନ୍ୟୂନ ୫୦% ମାର୍କ ଥିବା ଆବଶ୍ୟକ) |

ଇଚ୍ଛୁକ ପ୍ରାର୍ଥୀ ନିମ୍ନଲିଖିତ କାର୍ଯ୍ୟସୂଚୀ ଅନୁଯାୟୀ ସାକ୍ଷାତକାର କରନ୍ତୁ।

| | |
|---|---|
| ଅଫିସ୍ ଠିକଣା | ୭ମ ମହଲା, ଇଡ୍‌କୋ ଟାୱାର, ସହିଦନଗର, ରୂପାଲି ଛକ ପାଖ, ଭୁବନେଶ୍ୱର, ଓଡିଶା |
| ଫୋନ୍ ନମ୍ବର | ୦୬୭୪-୬୧୭୫୨୦୦ |
| ତାରିଖ | ୨ ଜାନୁଆରୀ ୨୦୨୫ ରୁ ୧୮ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ |
| ସମୟ | ପୂର୍ବାହ୍ନ ୧୧ଟା ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ |

ଏହି ଚୟନ ପ୍ରକ୍ରିୟାରେ କୌଣସି କଂସଲଟାନ୍ସି ନିୟୋଜିତ ନାହାଁନ୍ତି। ଦଲାଲ ଓ ଏଜେଣ୍ଟଙ୍କ ପ୍ରତି ସାବଧାନ ରୁହନ୍ତୁ।


## ଆଜି ବିଶ୍ୱ ଯୁବ ଦିବସ ▶ ଯୁବ ସମାଜ ପାଇଁ ଉଦାହରଣ ସାଜିଛନ୍ତି ସତ୍ୟରଞ୍ଜନ

**ବରୀ, ୧୧।୧(ସମିସ)**

ଆସନ୍ତାକାଲି ଯୁବ ଦିବସ ସାରା ବିଶ୍ୱ ପାଳନ କରୁଥିବାବେଳେ ଯାଜପୁର ଜିଲ୍ଲା ବରୀ ବ୍ଲକ ଅନ୍ତର୍ଗତ ବାଇଁଶିରିଆ ପଞ୍ଚାୟତ ଇଛାପୁର ଗ୍ରାମର ଗାୟକ ଚନ୍ଦ୍ର ପଣ୍ଡିତ ପୀତାମ୍ବର କରଙ୍କ ନାତି ସତ୍ୟରଞ୍ଜନ କର ରକ୍ତଦାନ, ପରିବେଶ, କଳା, ସାହିତ୍ୟ, ସଂସ୍କୃତି ଓ ଐତିହ୍ୟ ପାଇଁ କାମ କରି ଯୁବ ସମାଜ ପାଇଁ ସାଜିଛନ୍ତି ଉଦାହରଣ। ୨୦ ବର୍ଷ ଧରି ସାମାଜିକ କାମ କରିବା ସହିତ ସମାଜ ବିକାଶ ପାଇଁ ଶ୍ରୀ କର ନିଜର ଧର୍ମ ଭାବେ ଗ୍ରହଣ କରିଛନ୍ତି। ଜାତୀୟ କବି ବାଞ୍ଛାନିଧି ଦାସ, ଅଭିମନ୍ୟୁ ସାମନ୍ତସିଂହାର, ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀକୁ ଆଜିର ଯୁବ ସମାଜ ପାଖରେ ପହଞ୍ଚାଇବା ପାଇଁ ବରୀ ପୂଜ୍ୟପୂଜା ପରିଷଦ ନାମରେ ଏକ ବେସରକାରୀ ଅନୁଷ୍ଠାନ ଗଠନ କରି ବିଭିନ୍ନ କର୍ମଶାଳା ଆୟୋଜନ କରିଥା'ନ୍ତି।



ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପୀଡ଼ିତଙ୍କୁ ସାହାଯ୍ୟ କରିବା ସହ ଜିଲ୍ଲା ପ୍ରଶାସନକୁ ସହଯୋଗ କରିଥା'ନ୍ତି ସତ୍ୟରଞ୍ଜନ କର। ବର୍ଷରେ ଚାରିଥର ରକ୍ତଦାନ କରିବା ସହିତ ବହୁ ରକ୍ତଦାନ ଶିବିର ଆୟୋଜନ କରିଥା'ନ୍ତି। ନିଶା ନିବାରଣ କ୍ଷେତ୍ରରେ କ୍ଷୁଦ୍ର ଚଳଚ୍ଚିତ୍ର ଓ ବହୁ ନାଟକ କରିଛନ୍ତି। ମୃତ୍ୟୁ ପରେ ନିଜର ଶରୀର ଓ ଅଙ୍ଗକୁ ଡାକ୍ତରଖାନାକୁ ଦାନ କରିବାକୁ ସେ ସଚେତନତା ସୃଷ୍ଟି କରୁଛନ୍ତି। ମହିଳା ସଶକ୍ତିକରଣ କ୍ଷେତ୍ରରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ସଚେତନ କରାଇଥା'ନ୍ତି। ସଡ଼କ ସୁରକ୍ଷା ଉପରେ ସଦାସର୍ବଦା ଗୁରୁତ୍ୱ ଦେଉଥିବା ସତ୍ୟ ବହୁ ସମୟରେ ଦୁର୍ଘଟଣାରେ ଶିକାର ଲୋକଙ୍କୁ ଆଶୁ ଚିକିତ୍ସା କରି ଡାକ୍ତରଖାନା ପଠାଇଥା'ନ୍ତି। ୧୦ ବର୍ଷ ଧରି ସଡ଼କ ସୁରକ୍ଷା ସପ୍ତାହ ପାଳନ ସହ ସଚେତନତା କାର୍ଯ୍ୟକ୍ରମ, ବିଭିନ୍ନ ସ୍କୁଲ ଓ କଲେଜ ଛାତ୍ରଛାତ୍ରୀଙ୍କୁ ନେଇ ସଡକ ସୁରକ୍ଷା କର୍ମଶାଳା ଆୟୋଜନ କରୁଛନ୍ତି। ମଞ୍ଚ ନାଟକରେ ଅଭିନୟ ମାଧ୍ୟମରେ ସଡ଼କ ସୁରକ୍ଷା, ନିଶା ନିବାରଣ, ଦୁର୍ନୀତିମୁକ୍ତ ସମାଜ ଗଠନ କରିବା ଆଦି ସଚେତନତା ବାର୍ତ୍ତା ଦିଅନ୍ତି। ପରିବେଶର ସୁରକ୍ଷା ପାଇଁ ଗଛ ଲଗାଇବା ସହ ବିବାହ, ବ୍ରତରେ ଚାରା ଗଛ ଉପହାର ଦେଇଥା'ନ୍ତି ସତ୍ୟରଞ୍ଜନ। ଶ୍ରୀଜଗନ୍ନାଥ ଦାରୁବାଟିକା ନାମରେ ଏକ ବେସରକାରୀ ଅନୁଷ୍ଠାନ ଗଠନ କରି ୨୦୩୬ ସୁଦ୍ଧା ବ୍ୟାପକ ବନୀକରଣ କରିବା ତାଙ୍କର ଲକ୍ଷ୍ୟ ରହିଛି। ଏଥିସହିତ ପରିବେଶ ସୁରକ୍ଷା, ବୃକ୍ଷରୋପଣ, ପ୍ଲାଷ୍ଟିକ ବ୍ୟବହାର ନ କରିବା, ଜାତିପ୍ରଥା, ବାଲ୍ୟବିବାହ, ଯୌତୁକ ପ୍ରଥା, ଶିଶୁ ଶ୍ରମିକ, ନିଶା ନିବାରଣ, ସଡ଼କ ସୁରକ୍ଷା ନିୟମ, ରକ୍ତଦାନ, ମହିଳା ସଶକ୍ତୀକରଣ, ବେକାର ଯୁବକ/ଯୁବତୀଙ୍କୁ ସ୍ୱାବଲମ୍ବୀ ଆଦି ଅନେକ ସଚେତନତା କାର୍ଯ୍ୟକ୍ରମ ପାଇଁ ରାଜ୍ୟ ଯୁବ କଲ୍ୟାଣ ବିଭାଗ ଦ୍ୱାରା ରାଜ୍ୟସ୍ତରୀୟ ସ୍ୱେଚ୍ଛାସେବୀ ଭାବେ ପୁରସ୍କୃତ ହୋଇଥିବାବେଳେ ବିଭିନ୍ନ ସମ୍ମାନର ଅଧିକାରୀ ହୋଇଛନ୍ତି। ସତ୍ୟରଞ୍ଜନଙ୍କ ଏଭଳି ସମାଜସେବା ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହେବ ବୋଲି ଆଶା କରାଯାଉଛି।

# ଧାନଖଳା ପାଲଟିଛି ପକ୍କା ସଡ଼କ



**ହାଟଡିହୀ, ୧୧।୧(ସମିସ)**

ହାଟଡିହୀ ଅଞ୍ଚଳର ବିଭିନ୍ନ ଗାଁ ଗଣ୍ଡାକୁ ସଂଯୋଗ କରିଥିବା ପକ୍କା ରାସ୍ତା ଏବେ ଅନେକ ଚାଷୀଙ୍କ ଧାନଖଳା ପାଲଟିଥିବା ଦେଖାଯାଇଛି। ଗ୍ରାମାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ଗମନାଗମନରେ ସୁବିଧା ପାଇଁ ସରକାର ବିଭିନ୍ନ ଗାଁ ଗଣ୍ଡାକୁ ପକ୍କା ସଡ଼କ ନିର୍ମାଣ କରିଛନ୍ତି। କିନ୍ତୁ ଦୁଃଖର ବିଷୟ ସେସବୁ ଯୋଜନାର ସଫଳ ବିନିଯୋଗ ହୋଇପାରୁ ନଥିବା ଦେଖିବାକୁ ମିଳିଛି। ହାଟଡିହୀ ବ୍ଲକର ବିଭିନ୍ନ ଗାଁକୁ ଲମ୍ବିଥିବା ପକ୍କା ରାସ୍ତାରେ ଲୋକେ ଧାନବିଡ଼ା ଗଦା କରି ସେସବୁରୁ ଧାନ ଝାଡ଼ିବା ପ୍ରଣାଳୀକୁ ଖୁବ ଆରାମରେ ଆପଣେଇଛନ୍ତି। ଯାହା ଫଳରେ ବେଙ୍ଗଳା ପାଇଁ ଆବଶ୍ୟକ ଖଳା ଓ ଗୋରୁ ବିନା ସେମାନେ ଆରାମ ଦାୟକ ପ୍ରଣାଳୀରେ ଧାନ ଝାଡ଼ି ନେଉଛନ୍ତି। ଗତ ସରକାର ଚାଷୀଙ୍କ ସୁବିଧା ଲାଗି ଧାନ ଅମଳ ପାଇଁ ବିଭିନ୍ନ ପଞ୍ଚାୟତରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ସୁନାଖଳା ନିର୍ମାଣ କରିଥିଲେ ସୁଦ୍ଧା ଏହି ଖଳାର ସଦୁପଯୋଗ ହୋଇପାରୁନାହିଁ। ପକ୍କା ସଡ଼କରେ ପ୍ରତିବର୍ଷ ପରି ଚଳିତ ବର୍ଷ ମଧ ବେଙ୍ଗଳା ପକାଯାଉଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେବାରୁ ବିଭିନ୍ନ ସମୟରେ ଏହାକୁ ନେଇ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ବେଳେ ସ୍କୁଲ-କଲେଜ ଛାତ୍ରଛାତ୍ରୀଙ୍କ ସମେତ ଜରୁରୀକାଳୀନ ଗାଡ଼ି ଯିବାଆସିବା ବେଳେ ନାନା ସମସ୍ୟା ଉପୁଜୁଥିବା ଦେଖାଯାଇଛି। ସଚେତନତାର ଅଭାବ ଯୋଗୁଁ ବର୍ତ୍ତମାନ ବେଙ୍ଗଳା ପାଇଁ ବଳଦ ପରିବର୍ତ୍ତେ ଟ୍ରାକ୍ଟର ବ୍ୟବହାର କରାଯାଉଥିବା ବେଳେ ଖଳାରେ ବେଙ୍ଗଳା ହେବା ପରିବର୍ତ୍ତେ ସଡ଼କରେ ବେଙ୍ଗଳା ହେଉଛି। ତେଣୁ ଗମନାଗମନର ସୁରକ୍ଷାକୁ ଆଖି ଆଗରେ ରଖି ଯୋଜନାର ସଫଳ ରୂପାୟନ କରିବା ପାଇଁ ବିଭାଗୀୟ ଅଧିକାରୀମାନେ ଚେଷ୍ଟିତ ହେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

### ଜୁନିୟର ମିସ ଇଣ୍ଡିଆ ପ୍ରତିଯୋଗିତା

# ଦ୍ୱିତୀୟ ରନର୍ସଅପ୍‌ରେ ବାଲେଶ୍ୱରର ଝିଅ ତନିଷା ପୁରସ୍କୃତ

**ବାଲେଶ୍ୱର, ୧୧।୧(ସମିସ):** ମଧ୍ୟପ୍ରଦେଶର ଇନ୍ଦୋରଠାରେ ଆୟୋଜିତ ଜୁନିଅର ମିସ ଇଣ୍ଡିଆ ପ୍ରତିଯୋଗିତାରେ ବାଲେଶ୍ୱରର ପ୍ରତିଭା ସମ୍ପନ୍ନ ଉଦୀୟମାନ ମୋଡେଲ ତନିଷା ରଣା ପାରମ୍ପରିକ ବା ଟ୍ରାଡିସନାଲ ବର୍ଗରେ ଦ୍ୱିତୀୟ ରନର୍ସଅପ ଭାବେ ପୁରସ୍କୃତ ହୋଇଛନ୍ତି। ଇନ୍ଦୋରର ମାଇ ସିଟି କର୍ପୋରେସନ, ପିଟ ଏଣ୍ଡ ମିଟ୍ କମ୍ପାନୀ, ଇଏକ କମ୍ପାନୀ ଓ ଶୋଭା ଗିରି କାଷ୍ଟିଂ କମ୍ପାନୀ ପ୍ରମୁଖଙ୍କ ମିଳିତ ଉଦ୍ୟମରେ ମେରିଅଟ ହୋଟେଲରେ ଜାନୁଆରୀ ୩ରୁ ୫ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ପ୍ରତିଯୋଗିତାରେ ସମଗ୍ର ଦେଶର ୨୮ଟି ରାଜ୍ୟରୁ ଶତାଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ତନିଷାଙ୍କୁ ମିଶାଇ ମୋଟ ୧୨୦ଜଣ ପ୍ରତିଯୋଗୀ ଫାଇନାଲ ପର୍ଯ୍ୟାୟକୁ ଉତ୍ତୀର୍ଣ୍ଣ ହୋଇଥିଲେ। ଜାନୁଆରୀ ୫ତାରିଖ ଅନୁଷ୍ଠିତ ହୋଇଥିବା ଫାଇନାଲ ପ୍ରତିଯୋଗିତାରେ ତନିଷା ଦ୍ୱିତୀୟ ରନର୍ସ ଅପ ବିବେଚିତ ହୋଇଥିଲେ। ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିମାନେ ତନିଷାଙ୍କୁ ସମ୍ବର୍ଦ୍ଧନା ସ୍ୱରୂପ କ୍ରାଉନ ପିନ୍ଧାଇ ସମ୍ମାନିତ କରିଥିଲେ। ବାଲେଶ୍ୱର ସହରର ଅଜିତ ରଣା ଓ ତୁଳସୀ ରଣାଙ୍କ ଝିଅ ତନିଷା ପୂର୍ବରୁ ବିଭିନ୍ନ ପ୍ରତିଯୋଗିତାରେ ମଡେଲିଂ ଓ ଡ୍ୟାସ ପ୍ରଦର୍ଶନରେ ବହୁବାର ପୁରସ୍କୃତ ହୋଇଛନ୍ତି। ଏପରିକି ସେ ଜି ସାର୍ଥକ ଚାନେଲ ପକ୍ଷରୁ ହୋଇଥିବା ଦିଦି ନମ୍ବର କିଡସ ପ୍ରତିଯୋଗିତାର ୱିନର ହୋଇଥିଲେ। ଜୁନିଅର ମିସ ଇଣ୍ଡିଆ ପ୍ରତିଯୋଗିତାର ଫାଇନାଲ ଷ୍ଟେଜକୁ ମଧ ସେ ଯାଇଥିଲେ। ତନିଷା ପୂର୍ବରୁ ମିସ ଭୁବନେଶ୍ୱର ହେବା ସହ ଜୁନିଅର ଟପ ମଡେଲ ପ୍ରତିଯୋଗିତାର ଓଡ଼ିଶା ୱିନର ରହିଛନ୍ତି। ଏଥିପାଇଁ ଓଡ଼ିଶାର ବିଭିନ୍ନ ସ୍ଥାନରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।



## ସ୍କୁଟି ସହ ଜିଞ୍ଜିର ଜବତ; ଜଣେ ଗିରଫ

**ସୋର, ୧୧।୧(ସମିସ):** ସୋର ଅବକାରୀ ବିଭାଗ ତରଫରୁ ଟେଣ୍ଟେଇ ଛକରେ ଚଢ଼ଉ କରି ସ୍କୁଟି ସହ ଜିଞ୍ଜିର ଜବତ କରିଥିବା ବେଳେ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୋର ଆଦର୍ଶ ଅବକାରୀ ଅଧିକାରୀ ସନ୍ତୋଷ ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ ଟେଣ୍ଟେଇ ଛକରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ସେହି ରାସ୍ତାରେ ଯାଉଥିବା ଓଡି ୦୧ ଏଏମ ୧୬୩୯ ନମ୍ବର ବିଶିଷ୍ଟ ସ୍କୁଟିକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ସ୍କୁଟିରେ ୪୫ ଲିଟର ଜିଞ୍ଜିର ଚାଲାଣ ହେଉଥିବା ଜାଣିପାରି ସ୍କୁଟି ସହ ଜିଞ୍ଜିରକୁ ଜବତ କରିବା ସହିତ ମଧୁସୂଦନପୁର ଗ୍ରାମର ବିଜୟ ଜେନାକୁ ଗିରଫ କରିଥିଲେ। ଅପରାହ୍ନରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶିକାନ୍ତ ସାହୁ, କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ।



## ବାହାର ରାଜ୍ୟର ମଦ ଜବତ; ୩ ଗିରଫ

**ଭୋଗରାଇ, ୧୧।୧(ସମିସ):** ଭୋଗରାଇ ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ପଶ୍ଚିମବଙ୍ଗ ୮୦ ଲିଟର ଚୋରା ମଦ ଜବତ ସହ ୩ ଜଣ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ କମର୍ଦ୍ଦା ଥାନା ଅଧୀନ ଉଲୁଡା ଗ୍ରାମର ଗୀତା ମାରାଣ୍ଡି (୪୦) ୨୬ ଲିଟର, ସେହି ଗ୍ରାମର ଅନନ୍ତ ପ୍ରଧାନଙ୍କ ପୁଅ ଗୁନି ପ୍ରଧାନ (୪୫) ୧୪ ଲିଟର, ଚନ୍ଦନେଶ୍ୱର ଅଞ୍ଚଳର କଟିଆ ଟୁଡୁଙ୍କ ପୁଅ ବାବୁ ଟୁଡୁ (୪୨) ୪୦ ଲିଟର ଚୋରା ପଶ୍ଚିମବଙ୍ଗ ମଦ। ଏନେଇ ଭୋଗରାଇ ଅବକାରୀ ଥାନାରେ ୧୯୨/୨୪, ୧୯୩/୨୪, ୧୯୪/୨୪ ନମ୍ବରରେ ମାମଲା ରୁଜୁ ହୋଇଛି। ଅବକାରୀ ଥାନା ଓଆଇସି ଚନ୍ଦନ କୁମାର ନାୟକ, ଏଏସ୍‌ଆଇ ଦିଲ୍ଲୀପ କୁମାର ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।

## ଟିପ୍ପ ବୋଝେଇ ହାଇୱା ଓଲଟିଲା

**ବହଳଦା, ୧୧।୧(ସମିସ):** ରାଇରଙ୍ଗପୁର ବହଳଦା ମୁଖ୍ୟ ରାସ୍ତାର ଚିରୁଗୋଡାଠାରେ ଏକ ଟିପ୍ପ ବୋଝେଇ ହାଇୱା ଭାରସାମ୍ୟ ହରେଇ ରାସ୍ତା କଡକୁ ଓଲଟି ପଡ଼ିଥିଲା। ତେବେ ଏଥିରେ କେହି ଆହତ ହୋଇନଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ପରେ ପୁଲିସ ପହଞ୍ଚି ତଦନ୍ତ କରୁଛି।

## ଗୁରୁକୁଳ ଅନ୍ତେବାସୀଙ୍କୁ ଦମ୍ପତିଙ୍କ ୫୦ ହଜାର ଟଙ୍କା ସହାୟତା



**ବୈଶିଙ୍ଗା, ୧୧।୧(ସମିସ):** ବାଲେଶ୍ୱର ସହର ସହଦେବ ଖୁଣ୍ଟାରେ ଅବସ୍ଥାନ କରୁଥିବା ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟପୂର୍ବତନ କୁଳସଚିବ ଡ଼. ରମେଶଚନ୍ଦ୍ର ମିଶ୍ର ଓ ତାଙ୍କ ପତ୍ନୀ କଲ୍ୟାଣୀ ମିଶ୍ର, ରୂପସାର ପିଙ୍ଗ୍ଛାବଣିଆଁ ଦୋଳପଡ଼ିଆରେ ଥିବା ବୈଦିକ ଗୁରୁକୁଳ ଆଶ୍ରମରେ ରହୁଥିବା ଗରିବ ଅସହାୟ ପିଲାଙ୍କ ଉନ୍ନତି ପାଇଁ ପ୍ରଧାନ ଆଚାର୍ଯ୍ୟ ତଥା ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀ'ଙ୍କୁ ୫୦ ହଜାର ଟଙ୍କାର ଏକ ଚେକ୍ ପ୍ରଦାନ କରିଛନ୍ତି। ଆଚାର୍ଯ୍ୟ ବିଜୟ ଜୀ ଆଦର୍ଶ ଦମ୍ପତିଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଓଡ଼ିଶା ସୀମାରୁ ଶହ ଶହ ଟ୍ରିପ୍ ବାଲି ଚୋରି



**ରାଇବଣିଆ, ୧୧।୧(ସମିସ୍):** ବାଲେଶ୍ୱର ଜିଲ୍ଲାର ସୀମାନ୍ତ ଜଳେଶ୍ୱର ବ୍ଲକ ଦକ୍ଷିଣପ୍ରହରାଜପୁର ଗ୍ରାମ ପଞ୍ଚାୟତର ଗୁଆଗୋଡିଆ ସୁବର୍ଣ୍ଣରେଖା ନଦୀ ଘାଟରୁ ସୀମାନ୍ତ ପଶ୍ଚିମବଙ୍ଗର ବାଲି ମାଫିଆମାନେ ନଦୀ ଗର୍ଭରେ ବେଆଇନ୍ ଭାବେ କାଠର ପୋଲ ନିର୍ମାଣ କରି ଓଡ଼ିଶାରୁ ୫ଟି ଜେସିବି ଲଗାଇ ବେଧଡକ ଭାବେ ଶହଶହ ଡମ୍ପରରେ ବାଲି ନେଇ ପଶ୍ଚିମବଙ୍ଗକୁ ଚୋରା ଚାଲାଣ କରାଯାଉଛି। ଏହା ଦ୍ୱାରା ଆଗାମୀ ଦିନରେ ନଦୀ ଗର୍ଭରେ ଲୀନ ହେବାକୁ ଯାଉଛି ଗୁଆଗୋଡ଼ିଆ, ପ୍ରହରାଜପୁର, ଦକ୍ଷିଣ ପ୍ରହରାଜପୁର, ବେହେରାସାଇ, ମୁଣ୍ଡୁତୁଣିଆ, ଗଡ଼ୁସାଇ ଭଳି ଅନେକ ଗାଁ। ଏବେ ବିପଦ ମୁଖରେ ଏନେଇ ଅଞ୍ଚଳବାସୀ ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଥିଲେ ମଧ କେହି ଘଟଣାସ୍ଥଳକୁ ଆସି ନ ଥିଲେ। ଯାହାଫଳରେ ଦିନକୁ ଦିନ ପଶ୍ଚିବଙ୍ଗର ବାଲି ମାଫିଆମାନେ ସକ୍ରିୟ ହେବାରେ ଲାଗିଛନ୍ତି।

## ହାଇକୋର୍ଟ ବିଚାରପତିଙ୍କ ଜେଏମ୍‌ଏଫ୍‌ସି କୋର୍ଟ ନିର୍ମାଣ କାର୍ଯ୍ୟ ସମୀକ୍ଷା



**ମହୁଲଡିହା, ୧୧।୧(ସମିସ):** ଶନିବାର ଓଡ଼ିଶା ହାଇକୋର୍ଟର ବିଚାରପତି ବିରଜା ପ୍ରଶନ୍ନ ଶତପଥୀ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ଗସ୍ତ କରିଛନ୍ତି। ସେ ଠାକୁରମୁଣ୍ଡାରେ ପହଞ୍ଚି ନବନିର୍ମିତ ଜେଏମଏଫସି କୋର୍ଟର କାର୍ଯ୍ୟ ଅଗ୍ରଗତି ନେଇ ସମୀକ୍ଷା କରିଥିଲେ। ଆଗାମୀ ଜୁନ ୨୦୨୫ରେ କାମ ସରିବାକୁ ଥିବାବେଳେ ଏଯାଏ କୋର୍ଟ କାମ ଆରମ୍ଭ ହୋଇନାହିଁ। ଫଳରେ ବିଚାରପତି ଶ୍ରୀ ଶତପଥୀ କ୍ଷୁବ୍ଧ ହୋଇଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ସଞ୍ଜିତ କୁମାର ନାଏକ, ସହକାରୀ ଯନ୍ତ୍ରୀ ଶୁଭେନ୍ଦୁ କୁମାର ଦାଶଙ୍କ ସହ ବିଚାରପତି ଶତପଥୀ ଆଲୋଚନା କରିବା ସହିତ କୋର୍ଟ କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ତାଗିଦ୍ କରିଥିଲେ। ବିଚାରପତି ଅରବିନ୍ଦ ପଟ୍ଟନାୟକ, ଚିଫ ଜୁଡିସିଆଲ ବିଚାରପତି ଦେବାଶିଷ ମହାନ୍ତି, କରଞ୍ଜିଆ ଏଡିଜେ କୋର୍ଟ ବିଚାରପତି ଆଶିଷ କୁମାର ତ୍ରିପାଠୀ, ଠାକୁରମୁଣ୍ଡା ଜେଏମଏଫସି କୋର୍ଟର ବିଚାରପତି ମୋନାଲିସା ଦାଶ, କରଞ୍ଜିଆ ଉପଖଣ୍ଡ ପୁଲିସ ଅଧିକାରୀ ସୁବ୍ରତ କୁମାର, ଉପଜିଲ୍ଲାପାଳ ପ୍ରେମାଂଶୁ ଚାନ୍ଦ, ଠାକୁରମୁଣ୍ଡା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱପ୍ନେଶ୍ୱର ବେହେରା, ଥାନା ଅଧିକାରିଣୀ ସାବିତ୍ରୀ ଦଳେଇ, କୋର୍ଟ କର୍ମଚାରୀ ଓ ସମସ୍ତ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିଲେ। ଅପରାହ୍ନ ୨.୩୦ରେ କରଞ୍ଜିଆ ଅଭିମୁଖେ ଗସ୍ତ କରିଥିଲେ।

## ନ୍ୟୁ ଷ୍ଟାର୍ କ୍ଲବ୍ ପକ୍ଷରୁ ଆନ୍ତଃରାଜ୍ୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ



**ଜଳେଶ୍ୱର, ୧୧।୧(ସମିସ):** ନିଉ ଷ୍ଟାର କ୍ଲବ ରାୟାଁରାମଚନ୍ଦ୍ରପୁର ଦ୍ୱାରା ଆୟୋଜିତ ଦୁଇଦିନିଆ ଭଲିବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ଅପରାହ୍ନରେ ଉଦଘାଟିତ ହୋଇଯାଇଛି। ଉତ୍ସବରେ ମୁଖ୍ୟଅତିଥି ଭାବେ ଜଳେଶ୍ୱର ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ଅନ୍ୟତମ ଅତିଥି ଭାବେ ଯୁବ ସମାଜସେବୀ କାଳୀଚରଣ ଦାସ, କାଳୀଚରଣ ମାହାନା, ବିନୋଦ ବିହାରୀ ପାଲ, ଅଶୋକ କୁମାର ପଣ୍ଡା, ଶାନ୍ତନୁ କୁମାର ଦାସ ଓ ଶ୍ୟାମସୁନ୍ଦର ପାଲ୍ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିନ ଖେଳ ଆନ୍ତରାଜ୍ୟ ମହିଳା ଦଳଙ୍କ ପକ୍ଷରୁ ହୋଇଥିଲା। ସେଥିରେ ମୋଗ୍ରା ଜଗୁରାନି ସଂଘ, କୋଲକାତା ସିକ୍ସ୍ ଷ୍ଟାର ଦଳ, ଭବାନୀ ସଂଘ ଓ ବାରସାହେବ ମହିଳା ଦଳ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିବା ବେଳେ କୋଲକାତା ସିକ୍ସ୍ ଷ୍ଟାର ଦଳ ପ୍ରଥମ ସ୍ଥାନ ଅଧିକାର କରି ଅର୍ଥ ଆକାରରେ ୨୫ ହଜାର ସହିତ ଟ୍ରଫି ଓ ମୋଗ୍ରା ଜାଗ୍ରଣି ସଂଘ ଦ୍ୱିତୀୟ ସ୍ଥାନ ଅଧିକାର କରି ୧୭ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରା ଯାଇଥିଲା। ସେହିଭଳି ଦ୍ୱିତୀୟ ଦିନ ଆନ୍ତରାଜ୍ୟ ପୁରୁଷ ଦଳ ପକ୍ଷରୁ ଖେଳ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସମାଜସେବୀ ସପନ କୁମାର ଦାସଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷ ମାନସ ଜେନା, ବରେଣ୍ୟ ଅତିଥି ଭାବେ ବାଲେଶ୍ୱର ଜଳସେଚନ ବିଭାଗ ଅଧୀକ୍ଷକ ଯନ୍ତ୍ରୀ ନବକୁମାର ମହାଲିକ, ସମାଜସେବୀ ପ୍ରବିର କୁମାର ଦାସ, ବ୍ଲକ ଉପାଧ୍ୟକ୍ଷାଙ୍କ ପ୍ରତିନିଧି ମଧୁସୂଦନ ସେନାପତି, ଜଗଦୀଶ ନନ୍ଦୀ, ସାମ୍ବାଦିକ ଭୂପତି ପରିଡ଼ା, ରାଜୀବ ଦେ, ରାଜୀବ କୁମାର ଦେ, ରବୀନ୍ଦ୍ର ସାହୁ, ଅରୁଣ ପ୍ରଧାନ, ଗୋବିନ୍ଦ ଚନ୍ଦ୍ର ଦତ୍ତ, କାଳିଚରଣ ମାହନା ଓ ମାଧବାନନ୍ଦ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ ସଭାପତି ଅଭିମନ୍ୟୁ ସାହୁ, ସମ୍ପାଦକ ଶିବଶଙ୍କର ଦାସ, ଉପସଭାପତି ବିଶ୍ୱଜିତ ମହାନା, ସଭ୍ୟ ଅଜିତ ମାହାନା, ହିମାଂଶୁ ଦାସ, ଭବଶଙ୍କର ମଣ୍ଡଳ, ଗୋପୀକୃଷ୍ଣ ରାଉତ, ଅଭିନନ୍ଦନ ପାଗଳ, ସତ୍ୟରଞ୍ଜନ ନନ୍ଦ, ଲିପୁ ନନ୍ଦଙ୍କ ସହ ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## କାର୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

**ପାଣିକୋଇଲି, ୧୧।୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ଦୁର୍ଗାମଣ୍ଡପ ସମ୍ମୁଖରେ ଆଜି ସନ୍ଧ୍ୟାରେ କାର୍ ଧକ୍କାରେ ୨ ବାଇକ ଆରେହୀ ଗୁରୁତର ଆହତ ହୋଇଛନ୍ତି। ପାଣିକୋଇଲି ଥାନା ଅନ୍ତର୍ଗତ ଅମୃତିଆ ଗ୍ରାମର ରଞ୍ଜନ ମହାନ୍ତି ଓ ସୁନୀଲ ସେନାପତି ବାଇକ୍‌ରେ ଯାଜପୁରରୋଡରୁ ପାଣିକୋଇଲି ଆସୁଥିଲେ। ଦୁର୍ଗାମଣ୍ଡପ ସମ୍ମୁଖରେ ଏକ କାର୍ ହଠାତ ରାଜପଥ ଉପରେ ବୁଲାଇବାରୁ ବାଇକ୍ ସହ ଧକ୍କା ହୋଇଥିଲା। ଫଳରେ ଦୁଇ ବାଇକ ଆରୋହୀ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଦୁର୍ଘଟଣା ଘଟାଇଥିବା କାର୍‌ରେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ଅବକାରୀ ଚଢ଼ଉ; ୩ ଗିରଫ

**ମୋରଡ଼ା, ୧୧।୧(ସମିସ):** ମୋରଡା ଅବକାରୀ ବିଭାଗ ତରଫରୁ ଶୁକ୍ରବାର ବିଭିନ୍ନ ସ୍ଥାନରେ ଚଢ଼ଉ କରି ୬୦ ଲିଟର ଚୋରା ଦେଶୀ ମଦ ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରାଯାଇଛି। ସୂଚନା ମୁତାବକ, ପ୍ରଥମେ ବଳଦିଆ ଗ୍ରାମର ଚନ୍ଦନ କୁମାର ପାତ୍ର ଓ ଜଗଦିଶ ହାଁସଦାଙ୍କ ନିକଟରୁ ଯଥାକ୍ରମେ କୋଡିଏ ଓ ପଚିଶ ଲିଟର ଚୋରା ଦେଶୀ ମଦ ଜବତ କରି ଉଭୟଙ୍କୁ ଗିରଫ କରାଯାଇଥିବା ବେଳେ ଭୁରୁଙ୍ଗଶୋଳ ଗ୍ରାମର ବ୍ରହ୍ମାନନ୍ଦ ଧଳଙ୍କ ନିକଟରୁ ପନ୍ଦର ଲିଟର ଚୋରା ଦେଶୀ ମଦ ଜବତ କରିବା ସହିତ ତାକୁ ମଧ ଗିରଫ କରାଯାଇଛି।

## ଅଭିନବ ଉପାୟରେ ଦୁର୍ବୃତ୍ତଙ୍କ ଛିନ୍‌ତାଇ

**ରାସଗୋବିନ୍ଦପୁର/ମୋରଡା, ୧୧।୧(ସମିସ):** ରାସଗୋବିନ୍ଦପୁର ଥାନା ଅଞ୍ଚଳରେ ଛିନତାଇ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଗାଁଅମର୍ଦା ପଞ୍ଚାୟତର ଅମର୍ଦା ଗ୍ରାମର ବୃଦ୍ଧା ଜୟନ୍ତୀ କୁଅଁରଙ୍କ ଘରକୁ ଶନିବାର ଅପରାହ୍ନରେ ଦୁଇ ଜଣ ଯୁବକ ଆସି ପୁରୁଣା କଂସା ବାସନକୁ ସଫା କରିଦେବେ ବୋଲି କହିଥିଲେ। ପରେ ଜୟନ୍ତୀ ପୁରୁଣା କଂସା ବାସନକୁ କାଢି ସଫା କରିବାକୁ ଦେଇଥିଲେ। ତେବେ ଉକ୍ତ ଯୁବକମାନେ କଂସା ବାସନ ସଫା କରିବା ପରେ ପୁରୁଣା ଗହଣା ମଧ ସଫା କରିଦେବେ ବୋଲି କହିଥିଲେ। ତେଣୁ ଜୟନ୍ତୀ ଏକ ସୁନା ମୁଦି ଯୁବକଙ୍କୁ ସଫା କରିବାକୁ ଦେବା ମାତ୍ରେ ଚମ୍ପଟ ମାରି ଏକ ବାଇକ୍‌ରେ ପଳାଇଥିଲେ।

## ଗଞ୍ଜେଇ ସହ ବାଇକ୍ ଜବତ

**ବାରିକପୁର, ୧୧।୧(ସମିସ):** ଭଦ୍ରକ ଅବକାରୀ ଅଧିକ୍ଷକ ନରୋତମ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଧାମନଗର ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଅଭିଲାଷ ପାଲଙ୍କ ନେତୃତ୍ୱରେ ଭଣ୍ଡାରିପୋଖରୀ ବ୍ଲକ ଆଖୁଆପଦା ଅଞ୍ଚଳରେ ଗତ ଶୁକ୍ରବାର ଦିନ ଚଢ଼ାଉ କରାଯାଇଥିଲା। ଚଢ଼ଉ ବେଳେ ପ୍ରାୟ ୧୧କେଜି ଗଞ୍ଜେଇ ସହିତ ଏକ ମୋଟରସାଇକଲ ଜବତ କରାଯାଇଛି। ଏହାଛଡା ଗଞ୍ଜେଇ ଚାଲାଣ ଅଭିଯୋଗରେ ଜଣେ ଗିରଫ ହୋଇଥିବା ବେଳେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଜବତ ନିଶାଦ୍ରବ୍ୟର ମୂଲ୍ୟ ପ୍ରାୟ ୧ଲକ୍ଷ ୨୦ ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଇଛି। ଉକ୍ତ ଚଢ଼ାଉରେ ଜିଲ୍ଲା ଭ୍ରାମ୍ୟମାଣ ଜିଲ୍ଲା ଅବକାରୀ ସଂସ୍ଥାର ଉପ ନିରୀକ୍ଷକ ରବି ବେହେରା, ତିହିଡି ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ସୁମିତ୍ରା ହେମ୍ବ୍ରମ୍, ଚାନ୍ଦବାଲି ଥାନା ଭାରାପ୍ରାପ୍ତ ଅଧିକାରି ସନ୍ଦୀପ ପଡ଼ିଆରୀ, ଏଏସ୍‌ଆଇ ଦେବେନ୍ଦ୍ର ପାତ୍ର, କ୍ଷୀରୋଦ ପାତ୍ର କନେଷ୍ଟବଳ ଶିବପ୍ରସାଦ ସାହୁ, ଅଜିତ ସୀଙ୍କୁ, ରମାକାନ୍ତ ବାରିକ୍, ଶୁଭ୍ରାମିନି ଦାସ ପ୍ରମୁଖ ସାମିଲ ହୋଇଥିଲେ।

## ୮ ଲକ୍ଷର ବ୍ରାଉନ୍‌ସୁଗର ଜବତ

**ନୀଳଗିରି, ୧୧।୧(ସମିସ):** ନୀଳଗିରି ଅବକାରୀ ବିଭାଗର ଅଧିକାରୀ ଜଗନ୍ନାଥ ବେହେରା ନିଜ କର୍ମଚାରୀଙ୍କୁ ଧରି ଇଶ୍ୱରପୁର ଛକ ନିକଟରେ ସୋର ଥାନା ଅନ୍ତର୍ଗତ ଅସିମୀଳା ଗ୍ରାମର ସ୍ୱର୍ଗତ ସୁରେନ୍ଦ୍ର ପରିଡ଼ାଙ୍କ ପୁଅ ଦେବାଶିଷ ପରିଡ଼ା (୪୨)ଠାରୁ ୮୦ଗ୍ରାମ ବ୍ରାଉନ ସୁଗର ଜବତ କରିଛନ୍ତି। ଏହାର ମୂଲ୍ୟ ୮ ଲକ୍ଷ ଟଙ୍କା ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏନେଇ ନିଳଗିରି ଅବକାରୀ ବିଭାଗ ପକ୍ଷରୁ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

## ସଡ଼କ ଦୁର୍ଘଟଣାରେ ୩ ଗୁରୁତର

**ବୈଶିଙ୍ଗା, ୧୧।୧(ସମିସ):** ବୈଶିଙ୍ଗା-ରୂପସା ରାଜପଥର ମୁନିଲାଲ ହାଇସ୍କୁଲ ନିକଟରେ ଦୁଇ ବାଇକ ଆରୋହୀ ପରସ୍ପର ଧକ୍କା ହେବା ଫଳରେ ୩ ଜଣ ଗୁରୁତର ହୋଇଛନ୍ତି। ମକର ପର୍ବ ଆଉ ମାତ୍ର ଦୁଇ ଦିନ ଥିବାବେଳେ ଶନିବାର ଡାହିବାଡ଼ି ସାପ୍ତାହିକ ହାଟ ଥିବାରୁ ଉକ୍ତ ରାସ୍ତା ବହୁତ ଭିଡ ଥିଲା। ବଡସାହି ଥାନା ଅଧୀନ କୁଲକୋଠା ଗ୍ରାମର ରାଜେଶ ସିଂ, କୃଷ୍ଣ ସିଂ ଏବଂ ସନିଆ ସିଂ ଏକ ସ୍କୁଟି ଯୋଗେ ହାଟକୁ ଦ୍ରୁତଗତିରେ ଆସୁଥିବା ବେଳେ ଅପର ପାର୍ଶ୍ୱରୁ ଆସୁଥିବା ଅନ୍ୟ ଏକ ବାଇକକୁ ଧକ୍କା ଦେଇ ତଳେ ପଡ଼ି ଯାଇଥିଲେ। ଏସଆଇ ଦେବାଶିଷ ମଣ୍ଡଳ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ।

### ଆଜିଠୁ ପଦ୍ମସମ୍ଭବ ଆନ୍ତର୍ଜାତିକ ସମ୍ମିଳନୀ

## ଉଦୟଗିରିରେ ଦେଶବିଦେଶର ବୌଦ୍ଧ ସନ୍ନ୍ୟାସୀଙ୍କ ଭିଡ଼





**ବାଲିଚନ୍ଦ୍ରପୁର, ୧୧।୧ (ସମିସ):** ଆସନ୍ତାକାଲିଠୁ୧୭ଟି ଦେଶରୁ ଆସିଥିବା ୧୦୦୦ରୁ ଊର୍ଦ୍ଧ୍ୱ ବୌଦ୍ଧ ସନ୍ନ୍ୟାସୀଙ୍କ ପ୍ରାର୍ଥନାରେ କମ୍ପିବ ଐତିହାସିକ ବୌଦ୍ଧ ପୀଠ ଉଦୟଗିରି। ବୌଦ୍ଧ ପୀଠ ଉଦୟଗିରିରେ ଭଗବାନ ବୁଦ୍ଧଙ୍କ ଦ୍ୱିତୀୟ ଅବତାର ତଥା ଆନ୍ତର୍ଜାତିକ ଗୁରୁ ପଦ୍ମସମ୍ଭବଙ୍କ ଶିକ୍ଷା ଗ୍ରହଣ ଓ ମହାପ୍ରୟାଣ ଘଟିଥିବା ପ୍ରାମାଣିକ ତଥ୍ୟ ମିଳିବା ପରେ ଓଡ଼ିଶାରେ ପ୍ରଥମଥର ପାଇଁ ଗୁରୁ ପଦ୍ମସମ୍ଭବଙ୍କ ସମ୍ପର୍କରେ ଅଧିକ ଜାଣିବା ଓ ଆଲୋଚନା ପାଇଁ ଆସନ୍ତାକାଲି ଐତିହାସିକ ବୌଦ୍ଧ ପୀଠ ଉଦୟଗିରିରେ ପଦ୍ମସମ୍ଭବ ଆନ୍ତର୍ଜାତିକ ସମ୍ମିଳନୀ ଅନୁଷ୍ଠିତ ହେବ। ଏହି ସମାରୋହରେ ଥାଇଲାଣ୍ଡ, କାମ୍ବୋଡିଆ, ନେପାଳ, ଭୁଟାନ, ଭିଏତନାମ, ଆମେରିକା, ଫ୍ରାନ୍ସ, ବ୍ରାଜିଲ ଆଦି ୧୭ଟି ଦେଶ ଓ ଆମ ରାଜ୍ୟରେ ଥିବା ବୌଦ୍ଧ ସନ୍ନ୍ୟାସୀ ଯୋଗଦେବେ। ଯୁକ୍ତରାଷ୍ଟ୍ର ଆମେରିକାର କାଲିଫର୍ଣ୍ଣିଆସ୍ଥ ଲାଇଟ ଅଫ୍ ବୁଦ୍ଧ ଧର୍ମ ଫାଉଣ୍ଡେସନ ଇଣ୍ଟରନ୍ୟାସନାଲ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସିକିମର ରାଜା ତଥା ମନ୍ତ୍ରୀ ଭେନ୍ ସୋନମ ଲାମା ଯୋଗଦେବେ। ବିଶ୍ୱର ବିଭିନ୍ନ ରାଷ୍ଟ୍ରରେ ଥିବା ବୌଦ୍ଧ ବିହାର ଓ ବୌଦ୍ଧସ୍ଥଳୀରେ ବିଶ୍ୱଶାନ୍ତି ଓ ଲୋକ କଲ୍ୟାଣ ପାଇଁ ଗଣପ୍ରାର୍ଥନା, ଧ୍ୟାନ ଓ ମନ୍ତ୍ର ଆବୃତ୍ତି କାର୍ଯ୍ୟକ୍ରମ କରାଯାଉଥିବା ଫାଉଣ୍ଡେସନର ଅଧ୍ୟକ୍ଷା ୱାନ ମୋ ଡିକ୍‌ସି କହିଛନ୍ତି।

## ଦୁର୍ଘଟଣାରେ ୨ ଗୁରୁତର

**ଭଣ୍ଡାରିପୋଖରୀ, ୧୧।୧(ସମିସ):** ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ଛଡାବର ରାନୀ ଢାବା ଅନତି ଦୂରରେ ଆଜି ଅପରାହ୍ନରେ ଘଟିଥିବା ସଡକ ଦୁର୍ଘଟଣାରେ ୨ ଜଣ ଯୁବକ ଗୁରୁତର ଆହତ ହୋଇଥିବା ଜଣାଯାଇଛି। ଅପରାହ୍ନ ୫ଟା ବେଳେ ରାସ୍ତା ଉପରେ ପୂର୍ବରୁ ଛିଡା ହୋଇଥିବା ଟ୍ରକ ପଛକୁ ପାଣିକୋଇଲି ଆଡୁ ଆସୁଥିବା ବାଇକ ଆରୋହୀ ପିଟିଥିଲେ। ଫଳରେ ବାଇକ ଚାଳକ ଧାମନଗର ଅଞ୍ଚଳର ଶେଖ ରାଜନ(୨୪) ଓ ଶେଖ ସାଜନ(୨୫) ଗୁରୁତର ଆହତ ହୋଇଥିଲେ। ଗୁରୁତର ଶେଖ ରାଜନଙ୍କୁ କଟକ ରେଫର କରିଦିଆଯାଇଥିବା ଜଣାଯାଇଛି।

ଭଦ୍ରକ ସାଂସ୍କୃତିକ ମହୋତ୍ସବର ୮ମ ସନ୍ଧ୍ୟା

# ନାରୀ ହେଉଛି ପ୍ରକୃତ ଉର୍ଜାର ଅସରନ୍ତି ଭଣ୍ଡାର

ଭଦ୍ରକ, ୧୧।୧(ସମିସ)




ଧୈର୍ଯ୍ୟ, ସ୍ନେହ, ପ୍ରେମ, ସହିଷ୍ଣୁତା, ମମତା, ବିଶ୍ୱାସ ଓ ଭକ୍ତି ଭଳି ନାନା ଗୁଣ ନାରୀ ପାଖରେ ଉପଲବ୍ଧ ରହିଛି। ଯଦି ନାରୀ ନ ଥାନ୍ତା ପ୍ରକୃତି ର ପ୍ରତିରୂପ ହୋଇପାରନ୍ତାନି। ନାରୀହିଁ କେବଳ ନିଜ ଗର୍ଭରେ ଧାରଣ କରିବ ସୃଷ୍ଟିର ସମ୍ଭାରକୁ। ନାରୀ ମାନଙ୍କ ମଧ୍ୟରେ ରହିଥିବା ସୁପ୍ତ ପ୍ରତିଭାକୁ ଜାଗ୍ରତ କରିବା ଓ ଦୁର୍ବଳା ନାରୀକୁ ସବଳା କରିବା ଲକ୍ଷରେ ଭଦ୍ରକ ସାଂସ୍କୃତିକ ମହୋତ୍ସବର ୮ମ ସନ୍ଧ୍ୟା ରେ ନାରୀ ଶୀର୍ଷକ ଆଲୋଚନା ଚକ୍ରରେ ଅତିଥି ମାନେ ଯୋଗଦେଇ କହିଥିଲେ କମିଟିର ଉପସଭାପତି ମନୋରମା ରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପ୍ରଧାନଶିକ୍ଷୟିତ୍ରୀ ଜାନକୀ ପାଢ଼ୀ, ବିଶିଷ୍ଟ ଅତିଥି ଭାବେ ସମାଜସେବୀ ଅଞ୍ଜନା ମିଶ୍ର, ଆଇନଜୀବୀ ଚଇତାଳି ଖିଲାର, କଣ୍ଠ ଶିଳ୍ପୀ ଶଶିକାଳା ମିଶ୍ର, ଯାତ୍ରା ଅଭିନେତ୍ରୀ ବର୍ଷା ବାରିକ ଓ ମୁଖ୍ୟବକ୍ତା ଭାବେ ଲେଖିକା ତଥା କବୟିତ୍ରୀ ସଂଯୁକ୍ତା ବଳ ନାୟକ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ମଞ୍ଚ ଆମନ୍ତ୍ରଣ କମିଟିର ସଭାପତି ରବିନାରାୟଣ ଖିଲାର କରିଥିବା ବେଳେ ସମ୍ପାଦକ ଆଶିଷ ଅମିତାଭ ମହାପାତ୍ର ଅତିଥି ପରିଚୟ ଓ ସଦସ୍ୟା ତେଜଲକ୍ଷ୍ମୀ ଦାସ ସ୍ୱାଗତ କରିଥିଲେ। ନାୟିକା ବର୍ଷା ବାରିକଙ୍କୁ ତାଙ୍କର ଅଭିନୟ ଓ ନୃତ୍ୟ ପାଇଁ କମିଟି ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି, ପ୍ରଭାତ ଜେନା, ସୀତାକାନ୍ତ ପାଢ଼ୀ, ଅଜୟ ପଣ୍ଡା, ଶୁଭଦୀପ ମଲ୍ଲିକ, ଯୁବନେତା ଭବେଶ ସାହୁ, ପ୍ରମୁଖ ସାମ୍ବାଦିକ ମାନେ ନାୟିକା ବର୍ଷା ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଶେଷରେ ଭଦ୍ରକ ର ମନ୍ଦିରା ଡ୍ୟାନ୍ସ ଗ୍ରୁପ ଓ ସାଇ ନୃତ୍ୟ ଏକାଡେମୀ ପିଲାମାନଙ୍କ ମଧ୍ୟରେ ନୃତ୍ୟ ଓ ସଂଗୀତ ପରିବେଷଣ କରାଯାଇଥିଲା। କୋଷାଧ୍ୟକ୍ଷ ପ୍ରିୟ ଦର୍ଶନ ବୋଇତି ଧନ୍ୟବାଦ ଅର୍ପଣ କରିଥିଲେ।

## ଗୋଶାଳାରେ ସମୀକ୍ଷା କଲେ ମନ୍ତ୍ରୀ



ଅସୁରାଳି, ୧୧।୧(ସମିସ): ଗୋଶାଳାର ଉନ୍ନତି ତଥା ଗୋମାତାଙ୍କ ସୁରକ୍ଷାକୁ ସମୀକ୍ଷା କରିବା ପାଇଁ ଅସୁରାଳି ସ୍ଥିତ ଗୋଶାଳା ପରିଦର୍ଶନ କରିଛନ୍ତି ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ୍। ତାଙ୍କ ସହିତ ଧାମନଗର ତହସିଲଦାର ଦୀପକ କୁମାର ଦାସ, ଗଡ଼ିଆଳୀ ସରପଞ୍ଚ ସରୋଜ ସ୍ୱାଇଁ, ବଜରଙ୍ଗ ଦଳର ସଭାପତି ବସନ୍ତ ରାଉତ, ରାଜେଶ ସାହୁ ଏବଂ ମନୋଜ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ପୋଷଣ, ପର୍ଯ୍ୟାବରଣ ସନ୍ତୁଳନ ଓ ଆଧ୍ୟାତ୍ମିକ ଶାନ୍ତି ପ୍ରଦାନ କରୁଥିବା ଗୋମାତାଙ୍କ ସେବା ପ୍ରତ୍ୟେକ ବ୍ୟକ୍ତିଙ୍କ କର୍ତବ୍ୟ। ଗୋସେବା ମାଧ୍ୟମରେ ଆମ ସାଂସ୍କୃତିକ ମୂଲ୍ୟବୋଧକୁ ରକ୍ଷା କରିବା ସହିତ ଆମେ ପ୍ରକୃତି ଓ ମାନବତା ମଧ୍ୟରେ ସମନ୍ୱୟ ବଜାୟ ରଖିପାରିବା।

## ପୋଖରୀରେ ବୁଡ଼ି ବୃଦ୍ଧା ମୃତ

ବନ୍ତ/ଆଗରପଡ଼ା, ୧୧।୧(ସମିସ): ପୋଖରୀରେ ବୁଡି ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ବନ୍ତ ଥାନା ଅନ୍ତର୍ଗତ ତରାଗୋ ଗ୍ରାମର ସୁକୁଟି ଧଳ(୭୪) ଶୌଚ ହେବାକୁ ଯାଇ ହଠାତ ନିଖୋଜ ହୋଇ ଯାଇଥିଲା ବେଳେ ପରିବାର ଲୋକେ ତାଙ୍କୁ ବହୁତ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ପାଇନଥିଲେ। ପରେ ତାଙ୍କୁ ନିକଟସ୍ଥ ପୋଖରୀରେ ଭାସମାନ ଅବସ୍ଥାରେ ଦେଖି ପାଣିରୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆ ଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରାଯାଇଥିଲା। ଏନେଇ ବନ୍ତ ଥାନାରେ ୦୧/୨୫ରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା ଜଣାପଡ଼ିଛି।

## ପୂର୍ବ ଶତ୍ରୁତାକୁ ନେଇ ମରଣାତ୍ମକ ଆକ୍ରମଣ

ଧାମନଗର, ୧୧।୧(ସମିସ): ଧାମନଗର ଥାନା ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ବନ୍ଧଟିଆ ଗ୍ରାମରେ ପୂର୍ବ ରାଜନୈତିକ ଶତ୍ରୁତାକୁ ନେଇ ମରଣାତ୍ମକ ଆକ୍ରମଣ ହୋଇଛି। ଏ ନେଇ ଥାନାରେ ୨ଟି ମାମଲା ରୁଜୁ ହୋଇଛି। ଉକ୍ତ ଗ୍ରାମର ଶାନ୍ତନୁ ପାଣିଙ୍କ ଅଭିଯୋଗ ଅନୁସାରେ, ଉକ୍ତ ପଞ୍ଚାୟତର ସରପଞ୍ଚ ପ୍ରୀତମ ଦାସ ଓ ତାଙ୍କ ବଡ଼ ଭାଇ ଉତ୍ତମ ଦାସ ତାଙ୍କୁ ପୂର୍ବ ଶତ୍ରୁତାକୁ ନେଇ ଫୋନ କରି ଗାଳିଗୁଲଜ କରିବା ସହିତ ଧମକ ଦେଇ ଆସୁଛନ୍ତି। ଏପରିକି ତାଙ୍କୁ ଗତ ୪ତାରିଖରେ ସରପଞ୍ଚଙ୍କ ବଡ଼ ଭାଇ ପାଇପ୍‌ରେ ପିଟିବା ସହି ମାଡ଼ ମାରିଛନ୍ତି। ଫଳରେ ଶାନ୍ତନୁଙ୍କ ଶରୀରରେ ବିଭିନ୍ନ ଯାଗାରେ କ୍ଷତ ଚିହ୍ନ ହୋଇଛି। ଏ ନେଇ ଶାନ୍ତନୁ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାକୁ ନେଇ ସରପଞ୍ଚଙ୍କ ବଡ଼ ଭାଇ ଉତ୍ତମ ମଧ ଶାନ୍ତନୁଙ୍କ ବିପକ୍ଷରେ ଏକ ପାଲଟା ଅଭିଯୋଗ କରିଛନ୍ତି। ସବଇନ୍ସପେକ୍ଟର ପ୍ରଦୀପ ନାଏକ ଏହାର ତଦନ୍ତ କରିବା ସହିତ ଉଭୟଙ୍କ ନାମରେ ଭିନ୍ନ ଭିନ୍ନ ୨ଟି ମାମଲା ରଜୁ କରାଯାଇଛି ବୋଲି ଆଇଆଇସି ଫଣିନ୍ଦ୍ର ଭୂଷଣ ନାୟକ କରିଛନ୍ତି।

## ଚାଷୀଙ୍କଠାରୁ ପ୍ରତ୍ୟେକ୍ଷ ଧାନ କିଣିବାକୁ ଦାବି



ଭଦ୍ରକ, ୧୧।୧(ସମିସ): ଭଦ୍ରକ ଜିଲ୍ଲାର ସମସ୍ତ ଚାଷୀ ଓ ଭାଗଚାଷୀମାନଙ୍କ ଠାରୁ ପ୍ରତ୍ୟେକ୍ଷ ଧାନ କିଣିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ସରକାରୀ ଧାନ ମଣ୍ଡି ଖୋଲିବା, ଧାନ କିଣାରେ କଟନୀ ଛଟନୀ ବନ୍ଦ କରିବା, ମାଗଣାରେ ଚାଷୀମାନଙ୍କୁ ଧାନ ଅଖା ଯୋଗାଇ ଦେବା, ଅତ୍ୟାବଶ୍ୟକ ସାମଗ୍ରୀର ଦର କମାଇବା ଆଦି ବିଭିନ୍ନ ଦାବି ନେଇ ସିପିଆଇ(ଏମ) ପକ୍ଷରୁ ଦାବି କରାଯାଇଛି। ସିପିଆଇ(ଏମ) ଭଦ୍ରକ ଜିଲ୍ଲା କାର୍ଯ୍ୟାଳୟ ଠାରେ ବରିଷ୍ଠ ନେତା ପ୍ରଫୁଲ୍ଲ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ କର୍ମୀ ସମ୍ମିଳନୀରେ ରାଜ୍ୟ ପର୍ଯ୍ୟବେକ୍ଷକ ଭାବେ ରାଜ୍ୟ କମିଟି ସଭ୍ୟ ନିର୍ମଳ ନାୟକ ଯୋଗଦେଇ ଏହି ଦାବି କରିଛନ୍ତି। ଭଦ୍ରକ ଜିଲ୍ଲା ସଂପାଦକ ଦିବ୍ୟସିଂହ ନାୟକ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ପ୍ରଫେସର ପ୍ରଭାସ ମହାପାତ୍ର, ଅନ୍ୟତମ ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ରାଧାନାଥ ଦାସ, ବରିଷ୍ଠ ନେତା ଚନ୍ଦ୍ରଶେଖର ନାୟକ, ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ଗିରିଧାରୀ ନାଥ, କାଳନ୍ଦୀ ପାତ୍ର, ମଳୟ ଭୋଇ, ଗୌରାଙ୍ଗ ଯେନା, ଜୟୀରାମ ଦାସ, ଚକ୍ରଧର ଦାସ, ଜୟନୁଲ ଆବେଦିନ, ଗୟାଧର ସାହୁ, ରମେଶ ସାହୁ, ସତ୍ୟମୂର୍ତ୍ତି ବେହେରା, ଅନିରୁଦ୍ଧ ଯେନା, ବ୍ରହ୍ମାନନ୍ଦ ପରିଡ଼ା, ଚକ୍ରଧର ପାତ୍ର, କାଲୁ ଖାନ୍, ଭାଗବତ ସେନାପତି, ମହିଳା ନେତ୍ରୀ ସୁରଜିତା ନାୟକ, ଜାନକୀ ଜେନା, ଯୁବନେତା ପ୍ରତାପ ସେଠୀ, ବିପ୍ଳବ ଯେନା, ଜ୍ୟୋତିର୍ମୟ ମଳିକ ପ୍ରମୁଖ କର୍ମୀ ସମ୍ମିଳନୀ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶିଶୁମନ୍ଦିରରେ ବିଜ୍ଞାନ ଓ ଖାଦ୍ୟ ମେଳା



ବନ୍ତ/ଆଗରପଡ଼ା, ୧୧।୧(ସମିସ): ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତର ନିମାପଡ଼ା ସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଶୁମନ୍ଦିରରେ ଶନିବାର ବିଜ୍ଞାନ ମେଳା ସହ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ସାମଗ୍ରୀ ମେଳା ଶାନ୍ତିବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ବିଜ୍ଞାନ ବିଷୟ ବସ୍ତୁକୁ ନେଇ ୪୦ଗୋଟି ପ୍ରକଳ୍ପ ଓ ବିଭିନ୍ନ ସୁସ୍ୱାଦୁ ଖାଦ୍ୟକୁ ନେଇ ୫୦ ଗୋଟି ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ଏଥିରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି ଉପଲକ୍ଷେ ବିଦ୍ୟାଳୟର ସଭାପତି ପ୍ରାକ୍ତନ ଶିକ୍ଷକ ସୂର୍ଯ୍ୟମଣୀ ରାଉଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ଉଦ୍‌ଘାଟନ କରିଥିଲେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ନାରାୟଣ ଚନ୍ଦ୍ର ସାମଲ। ଉକ୍ତ ମେଳାରେ ପରିବେଶ, ବିଦ୍ୟୁତ, ମୋବାଇଲ, ବୃକ୍ଷ, କୃଷି, ବର୍ଜ୍ୟବସ୍ତୁର ସୁପରିଚାଳନା ଆଦି ପ୍ରକଳ୍ପ ସହ ୫୦ଗୋଟି ଖାଦ୍ୟ ସାମଗ୍ରୀ ଷ୍ଟଲରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଖାଦ୍ୟ ପରିବେଷଣ କରାଯାଇଥିଲା। ଏଥିରେ ବିଚାରପତି ଭାବେ ବନ୍ତ ହାଇସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀ ସୁପ୍ରଭା ଦାଶ ଓ କୃପାସିନ୍ଧୁ ହାଇସ୍କୁଲ ବିଜ୍ଞାନ ଶିକ୍ଷୟିତ୍ରୀ ସସ୍ମିତା ଦାସ, ପ୍ରାକ୍ତନ ବିଜ୍ଞାନ ଶିକ୍ଷକ ଉଦୟ ନାରାୟଣ ସାହୁ ଯୋଗଦେଇ ପ୍ରକଳ୍ପ ଓ ଖାଦ୍ୟ ସମାଗ୍ରୀକୁ ପରଖି କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ପ୍ରାକ୍ତନ ଶିକ୍ଷକ ତଥା ସଂପାଦକ ପ୍ରକାଶ ଚନ୍ଦ୍ର ସାହୁ, ପ୍ରଧାନ ଗୁରୁମା ଇତିଶ୍ରୀ ମହାପାତ୍ର, ଅର୍ଜ୍ଜୁନ ଚରଣ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଗୁରୁଜୀ ସୁନିଲ ରାଉଳ, ଗୁରୁମା ଦମୟନ୍ତି ପାଣିଗ୍ରାହୀ, ଉଷାରାଣୀ ବେହେରା, ମିନତି ଲତା ରାଉତ, ସବିତା ଦାସ, ସସ୍ମିତା ପତି, ପ୍ରଭାତି ପତି, ସ୍ୱଭାଗ୍ୟ ମଞ୍ଜରୀ ପରିଡ଼ା, ସାବିତ୍ରୀ ମାଝୀ, ରେବତୀ ବାରିକଙ୍କ ସହ ଅଭିଭାବକମାନେ ଏଥିରେ ସହଯୋଗ କରିଥିଲେ।

# ସମୟଚକରେ ଛବି ହୋଇଗଲାଣି ଶଗଡ଼



ବନ୍ତ/ଆଗରପଡ଼ା, ୧୧।୧ (ସମିସ): ପୂର୍ବରୁ ଚାଷୀଭାଇମାନେ ଶଗଡ଼ ଉପରେ ସଂପୂର୍ଣ୍ଣ ଭାବରେ ନିର୍ଭର କରୁଥିଲେ। ଉକ୍ତ ଶଗଡ଼କୁ ପୌରାଣିକ ଯୁଗରେ ମଧ ବ୍ୟବହାର କରାଯାଇଥିଲା। ଶଗଡ଼ର ବ୍ୟବହାର ବହୁତ ପ୍ରାଚୀନ। ପୁରାଣ ଯୁଗର ମହାଭାରତରେ ଉକ୍ତ ଶଗଡ଼ର ବ୍ୟବହାର ହୋଇଥିବା ଜଣାପଡ଼େ। ମଣ୍ଡାଖିଆ ଅସୁରକୁ ବଧ କରିବାକୁ ଭୀମ ଏଇ ଶଗଡ଼ରେ ମଣ୍ଡା ପିଠା ବୋହି ନେଇଥିଲେ। ବହୁ କବି ସାହିତ୍ୟିକ ନିଜ ଲେଖନୀରୁ ବହୁ ପୁରୁଣା କାଳର ବିଭିନ୍ନ ଗଳ୍ପ ତଥା କବିତା ମାନ ଲେଖିଥିବା ଦୃଷ୍ଟିଗୋଚର ହୁଏ। ଗୋଦାବରୀଶ ମିଶ୍ରଙ୍କ 'ମାଗୁଣିର ଶଗଡ଼', ଅନନ୍ତ ପ୍ରସାଦ ପଟେଲଙ୍କ 'ଶଗଡ଼' ଗଳ୍ପରେ ଯାନ୍ତ୍ରିକ ଟ୍ରାକ୍ଟର ବ୍ୟବହାରରେ ଶଗଡ଼ିଆଙ୍କ ବୃତ୍ତି କିପରି ଭାବରେ ଲୁଣ୍ଠିତ ହୋଇ ଦୟନୀୟ ଜୀବନ ଅତିବାହିତ କରୁଛନ୍ତି ତାହା ଦେଖିବାକୁ ମିଳେ। ମଣିଷ ଚକର ବ୍ୟବହାର ଶିଖିବା ପରେ ନିଜେ ପରିବହନ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନିର୍ମାଣ କରିଥିଲା। ଶଗଡ଼ର ନିର୍ମାଣ ଶୈଳୀକୁ ଖୁବ୍ ନିଆରା। ଲମ୍ବାଳିଆ ଚାରିଖଣ୍ଡ କାଠ, ଗୋଟିଏ ଅଖ ଓ ଦୁଇଟି ଚକକୁ ନେଇ ଏହା ଗଠିତ। ବରଗଡ଼ ଜିଲ୍ଲା ବିଜେପୁର ବ୍ଲକ ଅର୍ନ୍ତଗତ ତାଳପଦର ଗ୍ରାମରେ ଶଗଡ଼ ଏବଂ ଶଗଡ଼ ଚକ ତିଆରି ପାଇଁ ଖୁବ୍ ପରିଚିତ ଲାଭ କରିଥିଲା। ବହୁ ଦୂରଦୁରାନ୍ତରୁ ବରାଦ ଦେବାପାଇଁ ଧାଇଁ ଆସୁଥିଲେ। ହେଲେ ବର୍ତ୍ତମାନ ଯାନ୍ତ୍ରିକ ଯୁଗରେ ଯାନ୍ତ୍ରିକ ଯାନର ବ୍ୟବହାର ଯୋଗୁଁ ଶଗଡ଼ ତାର ଅସ୍ତିତ୍ୱ ହରାଇବା ସହ ଅଲୋଡ଼ା ହୋଇ ପଡ଼ିଛନ୍ତି ଶଗଡ଼ କାରିଗର। ପ୍ରାଚୀନ କାଳରୁ ମଣିଷ ଶଗଡ଼କୁ ମାଲ ପରିବହନ ମାଧ୍ୟମ କରିଥିବା ଇତିହାସରୁ ଜଣାପଡ଼େ। ଗଧ, ଘୋଡ଼ା ଭଳି ବିଭିନ୍ନ ପଶୁ ଦ୍ୱାରା ପ୍ରଥମେ ଅନ୍ୟତ୍ର ମାଲ ପରିବହନ କରୁଥିଲା। ମାତ୍ର ଉକ୍ତ ବାହାନ ଅପେକ୍ଷା ଶଗଡ଼ରେ ଯଥେଷ୍ଟ ପରିମାଣରେ ମାଲ ନେବା ଆଣିବା ହୋଇପାରୁ ନଥିବାରୁ ଶଗଡ଼ର ବ୍ୟବହାର ପ୍ରକୃଷ୍ଟ ମାଧ୍ୟମ ବୋଲି ବାଛିନେଇଥିଲା। ଏଥିପାଇଁ ସ୍ୱତନ୍ତ୍ର ରାସ୍ତାର ମଧ ଆବାଶ୍ୟକତା ନାହିଁ। ଶଗଡ଼ରେ ହଳେ ବଳଦକୁ ଯୋଡ଼ିନେଲେ ବେଶ ଆରମରେ ଯେକୌଣସି ସ୍ଥାନକୁ ପହଞ୍ଚି ପାରୁଥିଲା। ବଣିକ ମାନେ ବାଣିଜ୍ୟ କରିବାକୁ ସହଜରେ ଶଗଡ଼ରେ ମାଲପତ୍ର ବୋହିନେଇ ପାରୁଥିଲେ। କେବଳ ସେତିକି ନୁହେଁ ବାହାଘରରେ ବର ଶଗଡ଼ ମାଧ୍ୟମରେ ବରଯାତ୍ରୀ ଯାଇ ବୋହୂକୁ ନେଇଁ ଘରକୁ ମଧ ବେଶ ଆରମରେ ଫେରିପାରୁଥିଲା। ଲୋକେ ଶଗଡ଼ ସାହାର୍ଯ୍ୟରେ ନିଜ ପରିବାରକୁ ଧରି ତିର୍ଥଯାତ୍ରା କରିଥିବା ଜଣାପଡ଼େ। ଏହି ଶଗଡ଼ ଲୋକମାନଙ୍କର ପରମ୍ପରାରେ ମଧ ଜଡ଼ିତ। ଯାହାଫଳରେ କି ଶଗଡ଼ିଆ ମାନେ ଶଗଡ଼ ତଥା ଚକ ତିଆରି କରି ନିଜ ପେଟପାଟଣା କରୁଥିଲେ। ହେଲେ ଯାନ୍ତ୍ରିକ ଯାନର ପ୍ରଭାବରେ ଶଗଡ଼ିଆମାନେ ନିଜର ଜିବିକା ହରାଇ ବସିବା ସହିତ ଇତିହାସ ହେଲାଣି ଗାଁ ଗହଳର କେଁ କଟର ଶଗଡ଼ର ଶବ୍ଦ। ଏଭଳି ପରିସ୍ଥିତିରେ ମଧ ପ୍ରଦୂଷଣ ମୁକ୍ତ ଶଗଡ଼ ବାସ୍ତୁବାଦୀ ଲୋକଙ୍କ ପାଇଁ ତାହା ଇତିହାସ ହୋଇଗଲାଣି। ପିଲାଙ୍କ ଛବି ବହିରେ ଏକ ଛବି ଭାବରେ ଏହା ପୃଷ୍ଠା ମଣ୍ଡନ କରୁଛି ବୋଲି କହିଲେ ତାହା ଅତ୍ୟୁକ୍ତି ହେବନାହିଁ।

## ମାସକରେ ବଦଳିଲେଣି ୨୫ କର୍ମଚାରୀ

ଧାମନଗର, ୧୧।୧(ସମିସ): ଗତ କିଛି ଦିନ ହେଲା ଧାମନଗର ବ୍ଲକରେ ଚାଲିଛି ଅଧିକାରୀ ଓ କର୍ମଚାରୀଙ୍କ ବଦଳି ପର୍ବ। ପର୍ବରେ ବ୍ଲକ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟ ଅଟକି ଯାଇଛି। ଫଳରେ ଲୋକମାନେ ବ୍ଲକକୁ ଆସି ବହୁ ହନ୍ତସନ୍ତ ହୋଇ ଫେରୁଛନ୍ତି। ସୂଚନା ଅନୁସାରେ, ଗତ ଅକ୍ଟୋବର ୨୦ରେ ଜୀବିକା ମିଶନ ଚିଠି ଅନୁସାରେ ଧାମନଗର ବିପିଏମଙ୍କର ବଦଳି ହୋଇଥିଲା। ପରେ ଡିସେମ୍ବର ୧୨ରେ ଧାମନଗର ବିଡିଓ ରାଧାବଲ୍ଲଭପୁର ଜିଆର୍‌ଏସ୍‌ଙ୍କର ବ୍ଲକ ନରେଗା ସେକ୍ସନକୁ ବଦଳି ହୋଇଥିଲା। ଏହାପରେ ଡିସେମ୍ବର ୨୭ରେ ଧାମନଗର ଥାନା ଅଧିକାରୀ ଫଣିନ୍ଦ୍ର ଭୂଷଣ ନାଏକଙ୍କର କେନ୍ଦୁଝର ଜିଲ୍ଲାକୁ ବଦଳି ହୋଇଥିଲା। ପୁଣି ସେହି ମାସ ୩୦ ତାରିଖରେ ଭଦ୍ରକ ଜିଲ୍ଲାପାଳଙ୍କ ଭିନ୍ନ ଭିନ୍ନ ଚିଠି ଅନୁସାରେ ଧାମନଗର ତହସିଲର ୨ଜଣ ରେଭିନ୍ୟୁ ସୁପରଭାଇଜର, ୩ ଜଣ ଏଆର୍‌ଆଇଙ୍କର, ୮ ଜଣ ଆରଆଇଙ୍କର, ଜଣେ ଜୁନିଅର ରେଭିନ୍ୟୁ ଆସିଷ୍ଟାଣ୍ଟ,

**କାର୍ଯ୍ୟ ବାଧାପ୍ରାପ୍ତ, ଲୋକେ ହନ୍ତସନ୍ତ**

ତହସିଲର ୪ଜଣ ଏସଆରଓ, ୩ଜଣ ଏସଓଙ୍କର ଅନ୍ୟ ବ୍ଲକ ଓ ତହସିଲକୁ ବଦଳି ହୋଇଛି। ଚଳିତ ଜାନୁଆରୀ ମାସ ୭ ତାରିଖରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ପତ୍ର ଅନୁସାରେ ପୁରୀ କଲେକ୍ଟରେଟ ଅଧୀନ ଭୁ-ଅର୍ଜନ ଜୋନ ଅଫିସରଙ୍କ ଧାମନଗର ବିଡିଓ ଭାବେ ବଦଳି ହୋଇଛି। ମାତ୍ର ଧାମନଗର ବିଡିଓଙ୍କ ବଦଳି ଆଦେଶ ଏଯାବତ ହୋଇ ନଥିବା ଜଣାଯାଇଛି। ଏହା ପଛରେ ଧାମନଗର ବିଡିଓଙ୍କ ପୁନଃ ଥଇଥାନ ଯୋଜନା କାର୍ଯ୍ୟକାରୀ ହୋଇଥିବା ଆଲୋଚନା ହେଉଛି। ତେବେ ଏହି ବଦଳି ପ୍ରକ୍ରିୟାରେ ବହୁ କର୍ମଚାରୀ ଓ ଅଧିକାରୀଙ୍କ ଶୂନ୍ୟ ସ୍ଥାନ ପୂରଣ ହୋଇନି। ମାତ୍ର ଜିଲ୍ଲାପାଳ ଭଦ୍ରକଙ୍କ ପତ୍ର ଅନୁସାରେ ଅନ୍ୟ ତହସିଲରୁ ଧାମନଗର ତହସିଲକୁ ଜଣେ ଅମିନଙ୍କ ବଦଳି ହୋଇଥିବା ଜଣାଯାଇଛି। ତେବେ ଗୋଟିଏ ସ୍ଥାନରେ ୩ ବର୍ଷରୁ ଅଧିକ ବର୍ଷ ଥିବା ଅଧିକାରୀ ଓ କର୍ମଚାରୀଙ୍କ ବଦଳି କ୍ରମରେ ଏହି ବଦଳିକୁ ବୁଦ୍ଧିଜୀବୀ ମହଲରୁ ସ୍ୱାଗତ କରାଯାଇଥିବା ବେଳେ ଧାମନଗର ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୮ ବର୍ଷରୁ ଅଧିକ ସମୟ ଧରି ଗାଦି ମାଡ଼ି ବସିଥିବା ଜଣେ ଅଧିକାରୀଙ୍କ ବଦଳି ନହେବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏଠି ପ୍ରଶ୍ନ ଉଠେ ଏହି ବଦଳି ହୋଇଛି ସତ, ନୂତନ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇଥିଲେ ମଧ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଲୋକେ ହନ୍ତସନ୍ତ ହେଉଥିବା ଦେଖାଦେଇଛି।

## ବୃତ୍ତି ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ



ବାରିକପୁର/ଭଣ୍ଡାରିପୋଖରୀ, ୧୧।୧(ସମିସ): ଭଣ୍ଡାରିପୋଖରୀ ଜେଏନ୍ ପବ୍ଲିକ ସ୍କୁଲ ଠାରେ ଆଜି ୫ମ ଶ୍ରେଣୀ ବୃତ୍ତି ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ୨ଜଣ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ଗଦାଧର ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅଧିର କୁମାର ତରାଇ, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନଟବର ରାଉଳ, ପ୍ରତିଷ୍ଠାତା କ୍ଷୀରୋଦ ଜେନା, ଅବସରପ୍ରାପ୍ତ ଅଧ୍ୟାପକ ଅନାଦି ସାହୁ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ କାନ୍ତାରାଣୀ ରାୟ ପ୍ରମୁଖ ଯୋଗଦେଇ ବିଭିନ୍ନ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବୃତି ପ୍ରାପ୍ତ ବିଦ୍ୟାର୍ଥୀ ସାଇଶ୍ରିୱ ପ୍ରଧାନ ଓ ଆରଧ୍ୟା ଦାସଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ମମତା ସାହୁ ସ୍ୱାଗତ ଭାଷଣ, ଶିକ୍ଷୟିତ୍ରୀ ସଂଯୁକ୍ତା ପ୍ରଧାନ ଅତିଥି ପରିଚୟ ପ୍ରଦାନ ଓ ସ୍ମୃତିପ୍ରଭା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀବନ୍ତ ବିଦ୍ୟାଳୟ ଶିକ୍ଷକ-ଅଭିଭାବକ ବୈଠକ

ସିଂହପୁର, ୧୧।୧(ସମିସ): ବିଂଝାରପୁର ବ୍ଲକ କଲ୍ୟାଣପୁର ଶ୍ରୀବନ୍ତ ସରକାରୀ ଉଚ୍ଚବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ନଳିନୀପ୍ରଭା ଦାସଙ୍କ ସଭାପତିତ୍ୱରେ ଅଭିଭାବକ, ଶିକ୍ଷକ/ଶିକ୍ଷୟିତ୍ରୀ ଓ ବିଦ୍ୟାଳୟ ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଯାଜପୁର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଶମ୍ଭୁନାଥ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦିଲ୍ଲୀପ ରାଉଳ ଓ ଅନ୍ୟ ସଭ୍ୟ/ସଭ୍ୟା, ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଶିକ୍ଷକର୍ମୀ, ଅଭିଭାବକ ଉପସ୍ଥିତ ଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସ୍ୱାଗତ ଜଣାଇବା ସହ ବୈଠକର ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ପିଲାମାନଙ୍କ ଶୈକ୍ଷିକ ଉନ୍ନତିରେ ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କ ଭୂମିକା, ଛାତ୍ରଛାତ୍ରୀଙ୍କ ପ୍ରସ୍ତୁତି, ପିଲାଙ୍କର ମାନସିକ ଚାପ ଓ ଏହାର ଦୂରୀକରଣ, ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ କରି ଡ୍ରପଆଉଟ ହାର ହ୍ରାସ କରିବା, ପରୀକ୍ଷା ପେ ଚର୍ଚ୍ଚାରେ ରେଜିଷ୍ଟ୍ରେସନ, ବିଦ୍ୟାଳୟ ବିକାଶ ଯୋଜନା ଆଦି ପ୍ରସଙ୍ଗରେ ଆଲୋଚନା କରାଯାଇଥିଲା। ଶିକ୍ଷାର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଅଭିଭାବକଙ୍କଠାରୁ ପ୍ରସ୍ତାବ ଆଗତ ହୋଇଥିଲା। ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଖଗେଶ୍ୱର ଜେନା, ମୁମସାଦ ଖାନ, ନିତୁ କମଲ, ପ୍ରିୟରଞ୍ଜନ ବେହେରା, ସିପନ କୁମାର ବେହେରା, ଗାୟତ୍ରୀ ସାହୁ ବୈଠକ ପରିଚାଳନା କରିଥିଲେ।

## ବୃତ୍ତି ପରୀକ୍ଷାରେ ଶାରଦା ବିଦ୍ୟାମନ୍ଦିରର ସଫଳତା

ଭଣ୍ଡାରିପୋଖରୀ, ୧୧।୧(ସମିସ): ସ୍ଥାନୀୟ ଶାରଦା ବିଦ୍ୟାମନ୍ଦିର ପରିସରରେ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ଅନୁଷ୍ଠିତ ତୃତୀୟ ଓ ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାର ସଫଳ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ପ୍ରଧାନଗୁରୁଜୀ ଶରତ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଏହି ବିଦ୍ୟାଳୟ ଛାତ୍ର କ୍ରୀଷ୍ଣା ସାରଥି ରାଉତ ବ୍ଲକସ୍ତରରେ ପ୍ରଥମ ହୋଇଛନ୍ତି। ଛାତ୍ରୀ ରାଜଲକ୍ଷ୍ମୀ ପଣ୍ଡା ଓ ସାଇ ରୋଜାଲିନ ସାହୁ ପଞ୍ଚମ ଶ୍ରେଣୀ ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ଏହି ବିଦ୍ୟାଳୟ ଛାତ୍ର ବୀର ଶୁଭଙ୍କର ଜେନା, ଆଦର୍ଶ ରାଉତ ଓ ଛାତ୍ରୀ ସାଇଦିବ୍ୟାଂଶୀ ମହାନ୍ତି ସଫଳତା ଅର୍ଜନ କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ବିଦ୍ୟାଳୟ ଗୁରୁଜୀ ଓ ଗୁରୁମାମାନେ ସଫଳ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ପୁରସ୍କାର ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ବିଦ୍ୟାଳୟର ସଫଳତାରେ ଅଭିଭାବକ ମହଲରେ ସନ୍ତୋଷ ପ୍ରକାଶ ପାଇଛି।

# ରଙ୍ଗତୂଳୀରେ ତୋଳି ପକାନ୍ତି ଜୀବନ୍ତ ପ୍ରତିଛବି

ବନ୍ତ/ଆଗରପଡ଼ା, ୧୧।୧(ସମିସ)



ରଙ୍ଗତୂଳୀ ଧରିବା ମାତ୍ରେ ତୂଳୀ ଓ ରଙ୍ଗରେ ତୋଳି ପକାନ୍ତି ବିଭିନ୍ନ ଛବି। ତାଙ୍କ ରଙ୍ଗତୂଳୀ ସ୍ପର୍ଶରେ ଚିତ୍ରଗୁଡ଼ିକ ହୋଇଉଠେ ଜୀବନ୍ତ। ଏହିପରି ଏକ ପ୍ରତିଭା ହେଉଛନ୍ତି ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଚାରିଗାଁ ପଞ୍ଚାୟତ ଅନ୍ତର୍ଗତ ଚକ୍ରାପାଢ଼ୀ ଗ୍ରାମର ରବି ନାରାୟଣ ବେହେରା ଓ ରେବତୀଙ୍କ ଏକମାତ୍ର ଝିଅ ନମିତା (୨୩)। ବାପା ଜଣେ କୃଷକ ହୋଇଥିବା ବେଳେ ମା' ଜଣେ ଗୃହିଣୀ। ନମିତାଙ୍କ କହିବାନୁଯାୟୀ, ସେ ଯେତେବେଳେ ଚକ୍ରାପାଢ଼ୀ ନୋଡାଲ ଉପ୍ରା ବିଦ୍ୟାଳୟରେ ୩ୟ ଶ୍ରେଣୀରେ ପଢୁଥିଲେ ସେତେବେଳେ ସେ ଚିତ୍ର ଆଙ୍କିବା ଆରମ୍ଭ କରିଥିଲେ। ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢ଼ିବା ସମୟରେ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ସେ ବହୁବାର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିସହ ସେ ବ୍ଲକ ଓ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବହୁ ପ୍ରମାଣପତ୍ର ମଧ୍ୟ ହାତେଇ ପାରିଛନ୍ତି। ୨୦୧୬ରେ ତେଲନଟିସ୍ଥିତ ବାଲିପୋଖରୀ ହାଇସ୍କୁଲରେ ମାଟ୍ରିକ୍ ପାସ୍ କରିଥିଲେ। ୨୦୧୮ ରେ ଆଗରପଡ଼ା ମହାବିଦ୍ୟାଳୟରୁ କଳାରେ ଯୁକ୍ତ ୨ ପାସ୍ କରିବା ପରେ ବାପାଙ୍କ ଉଦ୍ୟମରେ ସେ ଭଦ୍ରକସ୍ଥିତ ଚାରୁ କାରୁ କଳା ମହାବିଦ୍ୟାଳୟରେ ନାମ ଲେଖାଇଥିଲେ। ସେଠାରୁ ୨୦୨୨ରେ ଡିଗ୍ରୀ ହାସଲ କରିଥିଲେ। ନମିତା ଆହୁରି ଅଧିକ ଶିକ୍ଷା ଲାଭର ଆଶା ରଖିଥିଲେ ମଧ୍ୟ ସ୍ୱପ୍ନର ପାହାଚରେ ଅର୍ଥ ପ୍ରତିବନ୍ଧକ ସାଜିଥିବା ସେ ପ୍ରକାଶ କରନ୍ତି। ସେ ଜୀବଜନ୍ତୁ ଓ ମଣିଷଙ୍କୁ ଦେଖି ପେନ୍‌ସିଲ ମାଧ୍ୟମରେ ଅବିକଳ ଚିତ୍ର ଆଙ୍କି ପାରୁଛନ୍ତି। କିଛି ଦିନ ତଳେ ରାଷ୍ଟ୍ରପତିଙ୍କ ବାରିପଦା ଗସ୍ତ ସମୟରେ ଆଙ୍କିଥିବା ତାଙ୍କ ପଟ୍ଟଚିତ୍ରକୁ ତାଙ୍କୁ ପ୍ରଦାନ କରିଥିବା ବେଳେ ପ୍ରଧାନମନ୍ତ୍ରୀଙ୍କୁ ଚଣ୍ଡିଖୋଲ ଗସ୍ତ ସମୟରେ ପ୍ରଦାନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ମଧ୍ୟ ତାଙ୍କ ଚିତ୍ର ପ୍ରଦାନ କରି ସାରିଛନ୍ତି। ବିଭିନ୍ନ ବ୍ୟକ୍ତିଙ୍କ ଅବିକଳ ଚିତ୍ର ଅଙ୍କନ କରି ତାଙ୍କୁ ଭେଟି ଦେଇନଇଛନ୍ତି। ବର୍ତ୍ତମାନ ସୁଦ୍ଧା ଦୁଇଶହରୁ ଅଧିକ ପ୍ରତିଛବି ଆଙ୍କି ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ଦେଇଛନ୍ତି। ମା' ଓ ବାପାଙ୍କ ପ୍ରୋତ୍ସାହନ ଓ ପ୍ରେରଣାରେ ସେ ଚିତ୍ର ଆଙ୍କିବା ଜାରି ରଖିଥିବା ବେଳେ ଚିତ୍ର ଆଙ୍କିବା ସହିତ ଗୀତ ଗାଇବା, ହାରମୋନିୟମ ବଜାଇବା ଆଦି ଅନ୍ୟ କଳା ତାଙ୍କ ପାଖରେ ରହିଛି।

## ମକର ପାଇଁ ସଜେଇ ହେଉଛି କାନ୍ଥବାଡ଼

# ପିଠା ପଣାରେ ମହକୁଛି ଗାଁ ଗଣ୍ଡା

ରାମଚନ୍ଦ୍ରପୁର, ୧୧।୧(ସମିସ)





ମାତ୍ର ଆଉ ଦିନ କେଇଟା ପରେ ଜିଲ୍ଲାରେ ଆରମ୍ଭ ହେବ ମକର ପର୍ବ। ଏଥିପାଇଁ ଘସିପୁରା ବ୍ଲକ ଅଧୀନ କାଦୁଅଗୋଠ, ବରବହାଳୀ, ଫୁଲବାହାଳୀ ଆଦିବାସୀ ପଡ଼ାଗାଁ ହୋଇ ଉଠିଛି ଚଳଚଞ୍ଚଳ। ଆଦିବାସୀ ସମ୍ପ୍ରଦାୟର ଲୋକେ ନିଜ ଘରର କାନ୍ଥକୁ ଅତି ସୁନ୍ଦର ଭାବେ ଲିପାପୋଛା କରିବା ସହ ରଙ୍ଗ ତୁଳିରେ ମକର ଉତ୍ସବର ଅବ୍ୟବହିତ ପୂର୍ବରୁ ସଜ୍ଜିତ କରୁଥିବା ଦେଖିବାକୁ ମିଳିଛି। ମକର ଉତ୍ସବର ଅବ୍ୟବହିତ ପୂର୍ବରୁ ଘରେ ଘରେ ତିଆରି ହୋଇଛି ପିଠାପଣା। ମକର ପର୍ବ ସାମୂହିକ ଭାବେ ପାଳନ ପାଇଁ ଘରକୁ କୁଣିଆ ବନ୍ଧୁବାନ୍ଧବ ଆସିବା ଆରମ୍ଭ ହୋଇସାରିଲେଣି। ଆଦିବାସୀ ମାନେ ସ୍ଥଳ ବିଶେଷରେ ଏହି ପର୍ବକୁ ୩ ଦିନରୁ ୭ ଦିନ ଯାଏ ପାଳନ କରିଥାନ୍ତି। ମକର ସଂକ୍ରାନ୍ତିରେ ପିଠାପଣା ଖାଇ ନିଜ ପାରମ୍ପରିକ ଲୁଗାପଟା ପିନ୍ଧି ପ୍ରଭୁ ମାରାଂବୁରୁଙ୍କ ପୂଜାର୍ଚ୍ଚନା କରିବା ସହ ଦିନ ତମାମ୍ ନାଚଗୀତରେ ସମୟ ବିତାଇଥାନ୍ତି। କେତକ ସ୍ଥାନରେ ପୁରୁଷମାନେ ଲାଖବିନ୍ଧା ପ୍ରତିଯୋଗିତାରେ ଯୋଗ ଦେଇଥାନ୍ତି। ଗୋଟିଏ କଦଳୀ ଗଛକୁ ତୀରରେ ବିନ୍ଧି ପ୍ରତିଯୋଗିତାରେ ବିଜୟୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଏ। ସଭିଏଁ ମିଳିମିଶି ପାରମ୍ପରିକ ନୃତ୍ୟଗୀତ କରିବା ସହିତ ଗାଁମୁଣ୍ଡ ପଡ଼ିଆରେ ଖେଳକୁଦ ପ୍ରତିଯୋଗିତାରେ ଯୋଗ ଦେଇଥାନ୍ତି। ମକର ପର୍ବ କୁ ବିଶେଷ ଭାବେ ଆଦିବାସୀ ଭାଇଭଉଣୀ ଏକ ପ୍ରମୁଖ ପର୍ବ ରୁପେ ବର୍ଷ ବର୍ଷ ତଥା ପିଢ଼ି ପରେ ପିଢ଼ି ପାଳନ କରି ଆସୁଛନ୍ତି। ସ୍ଥାନୀୟ ଅଧିବାସୀ ରଘୁନାଥ ମୁର୍ମୁ, ସୁମିତ୍ରା ବାସ୍କେ, ଶାନ୍ତି କିସ୍କୁ, କ୍ଷେତ୍ରମୋହନ କିସ୍କୁଙ୍କ କହିବା କଥା ଯେତେ କାମଧନ୍ଦା ଥିଲେ ମଧ୍ୟ ସଭିଏଁ ଏହି ପର୍ବରେ ସବୁ ଭେଦଭାବ ଭୁଲି ଏକତ୍ରିତ ହୋଇଥାନ୍ତି।

## ଟୁସୁ ମେଳା ପାଇଁ ରଘୁନାଥପୁର ଅଞ୍ଚଳ ଉତ୍ସବମୁଖର

କେନ୍ଦୁଝର, ୧୧।୧(ସମିସ): କେନ୍ଦୁଝର ଜିଲ୍ଲାର ଗଣପର୍ବ ମକର ପାଇଁ ବିଭିନ୍ନ ମେଳା କମିଟି କର୍ତ୍ତୃପକ୍ଷଙ୍କ ତତ୍ପରତା ପ୍ରକାଶ ପାଇଛି। ଏହି ଅବସରରେ କୁଡୁମୀ ସମ୍ପ୍ରଦାୟର ଟୁସୁମେଳା ଆୟୋଜନ ନିମନ୍ତେ ସଦର ବ୍ଲକର ରଘୁନାଥପୁର ଚକ ଡ୍ୟାମ ତଳ ଗାଁ ଗୁଡିକ ଉତ୍ସବ ମୁଖର ହେଲାଣି। ବିଶେଷକରି ମକର ମେଳା ପାଇଁ ପ୍ରସିଦ୍ଧ ବରାହଟିପୁରା ମକର ମେଳା, କେଶରୀକୁଣ୍ଡ ମକର ମେଳା, ଭୀମକୁଣ୍ଡ ମକର ମେଳା, ଚିଲିଦା ମକର ମେଳା, ରଣବନ୍ତଲା ମକର ମେଳା, ସୀତାବିଞ୍ଜି ମକର ମେଳା, ଖୁଣ୍ଟାପଡ଼ା ମକର ମେଳା, ଉରୁମୁଣ୍ଡା ମକର ମେଳା, ରାମତୀର୍ଥ ମକର ମେଳା, ଟାଙ୍ଗରବନ୍ତଲା ମକର ମେଳା, ଧାନବେଣୀ ମକର ମେଳା, ମଥରା ମଣ୍ଡଳୀ ମକର ମେଳା, କାଦଗଡ଼ ମକର ମେଳା, ଗୋନାସିକା ମକର ମେଳା ସମେତ ଜିଲ୍ଲାର ଅନେକ ସ୍ଥାନରେ ମକର ମେଳା ଧୁମଧାମରେ ପାଳିତ ହେବାକୁ ଯାଉଛି। କିଛି ସ୍ଥାନରେ ଅପେରା ସୋ' ସଂସ୍କୃତିକ କାର୍ଯ୍ୟକ୍ରମ ୧୦/୧୫ ଦିନ ପର୍ଯ୍ୟନ୍ତ ଚାଲିବାକୁ ଯାଉଛି। ମକର ପର୍ବ ଟୁସୁ ମେଳାରେ ଜିଲ୍ଲା ପର୍ବର ମାହୋଲ ହେବାକୁ



ଯାଉଥିବାବେଳେ ମେଳା ଗୁଡିକୁ ଶାନ୍ତି ଶୃଙ୍ଖଳର ସହିତ ସମାପନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଉଛି। ବାରାହାଟିପୁରା ବିଖ୍ୟାତ ମକର ମେଳାରେ ଲକ୍ଷାଧିକ ଲୋକଙ୍କର ସାମଗମ ହେଉଥିବାରୁ କେଶରୀକୁଣ୍ଡ ମକର ମେଳାରେ ପବିତ୍ର ବୁଡ଼ ପକାଇବାକୁ ଲକ୍ଷାଧିକ ଲୋକଙ୍କର ଭିଡ଼କୁ ଦେଖି ପୁଲିସ ପ୍ରଶାସନ ବ୍ୟାପକ ପ୍ରସ୍ତୁତି କରିଛି। ତେବେ ୧୪ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ମକର ମେଳା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ କାମ କରୁଥିବା ଲୋକଙ୍କର ଘରବାହୁଡା ପାଇଁ ଗାଡିମୋଟର ଗୁଡିକରେ ମଧ୍ୟ ଭିଡ଼ ଲାଗିରହିଛି।

● ପୁଲିସ ଏଏସ୍ଆଇଙ୍କ ଭିଡିଓ ଭାଇରାଲ୍

## 'କେସ୍ କ୍ଲୋଜ ପାଇଁ ୫ ହଜାର ଦିଅ'

ଭଦ୍ରକ, ୧୧।୧(ସମିସ): କେସ କ୍ଲୋଜ କରିଦେବି, କୋର୍ଟ କଚେରିଯିବାକୁ ପଡ଼ିବ ନାହିଁ। ମୋତେ ୫ହଜାର ଟଙ୍କା ଦିଅ। ସବୁ ସର୍ଟ ଆଉଟ୍ କରିଦେବି। ଏଭଳି କହି ଜଣେ ଅଭିଯୋକାରିଣୀଙ୍କୁ ୫ ହଜାର ଟଙ୍କା ଦେବାକୁ କହିଛନ୍ତି ଧାମନଗର ଥାନାର ଏଏସଆଇ ଏଲ୍କେ ପଟ୍ଟନାୟକ। ଯାହାର ଭିଡିଓ ଏବେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛ। ସୂଚନା ମୁତାବକ, ଭଦ୍ରକ ଜିଲ୍ଲା ଧାମନଗର ଥାନା ଅନ୍ତର୍ଗତ ବାଘୁଆରି ଗ୍ରାମର ଭବାନୀ ଦାସ ଓ ପ୍ରସାନ୍ତ ବେହେରାଙ୍କ ମଧ୍ୟରେ ପାଟି ତୁଣ୍ଡ ହୋଇଥିଲା। ଏନେଇ ଉଭୟଙ୍କୁ ପକ୍ଷରୁ ଥାନାରେ ଏତଲା ହୋଇଥିଲା। ପରେ ଉଭୟଙ୍କ ଭିତରେ ବୁଝାମଣା ହୋଇ ସମାଧାନ ପରେ ୩ ତାରିଖ ଥାନାରେ ଏକ



ବୁଝାମାଣା ପତ୍ର ଉଭୟଙ୍କ ଦସ୍ତଖତ ଓ ଟିପ ଚିହ୍ନ ଥିବା ଦରଖାସ୍ତ ଥାନାରେ ଦିଆଯାଇଥିଲା। କେସ ନେଇଥିବା ଧାମନଗର ଥାନାର ଏଏସ୍ଆଇ ଏଲ୍କେ ପଟ୍ଟନାୟକ ଏହାର ଫାଇଦା ନେବା ପାଇଁ ପରଦିନ ଗ୍ରାମରକ୍ଷୀକୁ ସାଥିରେ ନେଇ ବାଘୁଆରୀ ଗ୍ରାମରେ ପହଞ୍ଚିଥିଲେ। ଗୋଟେ ଡାଏରୀ ଧରି ଗ୍ରାମର ଘର ଓ ଜମିବାଡ଼ି କାହାର, କେଉଁ ପଟେ କିଏ ରହୁଛି ପଚାରି ବୁଝିଥିଲେ। ଶେଷରେ ପ୍ରସାନ୍ତ ବେହେରାଙ୍କୁ ୫ହଜାର ଟଙ୍କା ଦେଲେ ତାଙ୍କ ନାମରେ କୌଣସି କେସ ହେବ ନାହିଁ କି ତାଙ୍କୁ କୋର୍ଟ କଚେରୀ ଯିବାକୁ ପଡ଼ିବ ନାହିଁ ବୋଲି ଏଏସ୍ଆଇ ଜଣଙ୍କ କହିଥିଲେ। ଯାହାର ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି।

### ପୂର୍ତ୍ତ ବିଭାଗରେ ଯନ୍ତ୍ରୀ ମରୁଡ଼ି

## ତଦାରଖ ବିହୀନ ଚାଲିଛି ରାସ୍ତା ନିର୍ମାଣ କାର୍ଯ୍ୟ

ବାରିକପୁର, ୧୧।୧(ସମିସ): ଭଦ୍ରକ ପୂର୍ତ୍ତ ବିଭାଗରେ ଗତ କିଛି ମାସ ହେବ ଯନ୍ତ୍ରୀ ମରୁଡ଼ି ଦେଖାଦେଇଛି। ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ରାସ୍ତା ଓ କୋଠାବାଡି ନିର୍ମାଣ (ପୂର୍ତ୍ତ) ବିଭାଗରେ ଆବଶ୍ୟକୀୟ ଯନ୍ତ୍ରୀ ନଥିବାରୁ ନିର୍ମାଣ କାର୍ଯ୍ୟ ଠିକଠାକ ହେଉନାହିଁ।ଦଶ ଜଣ ଜାଗାରେ ଏବେ ଦୁଇ ଜଣ କନିଷ୍ଠ ଯନ୍ତ୍ରୀ ବିଭାଗକୁ ଜଗିଛନ୍ତି। ଅଧିକ୍ଷଣ ଯନ୍ତ୍ରୀ ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ରହିଥିଲେ ସୁଦ୍ଧା କ୍ଷେତ୍ରୀୟ ଅଧିକାରୀ ଭାବେ ସମସ୍ତ କନିଷ୍ଠ ଯନ୍ତ୍ରୀ ନଥିବାରୁ ଠିକା ସଂସ୍ଥା ବିଭିନ୍ନ ନିର୍ମାଣ କାର୍ଯ୍ୟ କୁ ଅତି ମନମୁଖୀ ଭାବେ କରୁଥିବା ଜଣାପଡ଼ିଛି। ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ବାରିକପୁର ଠାରୁ କେନ୍ଦୁଆପଦା ଓ ବନ୍ତ ଯାଏଁ ଏବେ ରାସ୍ତା ନବୀକରଣ କରଣ କାର୍ଯ୍ୟ ଚାଲିଛି। ବାରିକପୁର ଉପଖଣ୍ଡ ସ୍ତରୀୟ କାର୍ଯ୍ୟାଳୟରେ ଯନ୍ତ୍ରୀ ନଥିବାରୁ ଅସ୍ଥାୟୀ ଭାବେ ଅନ୍ୟ ବ୍ଲକର ଜଣେ କନିଷ୍ଠ



ଯନ୍ତ୍ରୀଙ୍କୁ କାର୍ଯ୍ୟ ତଦାରଖ ପାଇଁ ବିଭାଗ ଦାୟିତ୍ୱ ଦେଇଛି। କାର୍ଯ୍ୟଭାର ହେଉବା ସମୟ ଅଭାବ ହେଉ ଯେଉଁଥି ପାଇଁ ଯନ୍ତ୍ରୀ ଜଣଙ୍କ ନୀୟମିତ କ୍ଷେତ୍ର ପରିଦର୍ଶନ କରୁନଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି।ତେଣୁ ଏହାର ସୁଯୋଗ ନେଇ ଠିକା ସଂସ୍ଥା କାମକୁ ଅତି ଖରାପ କରୁଥିବା ଜଣାପଡ଼ିଛି। ରାସ୍ତାର କେତେକ ସ୍ଥାନରେ କଲଭର୍ଟ, ଗାର୍ଡ ୱାଲ ନିର୍ମାଣ ସହିତ ନୂତନ କ୍ଷୁଦ୍ର ସେତୁ ନିର୍ମିତ ହେଉଛି। ନିର୍ମାଣ କାର୍ଯ୍ୟରେ ସରକାରୀ ନୀୟମକୁ ନେଇ ପ୍ରସ୍ତୁତ ହୋଇଥିବା ଆକଳନ ପତ୍ର ଅନୁସାରେ ଆନୁପାତିକ ଭାବେ ସିମେଣ୍ଟ, ବାଲି, ମେଣ୍ଟାଲ ଓ ଚିପ୍ସ ଠିକ୍ ଭାବେ ବ୍ୟବହାର ହେଉନାହିଁ। ଏପରିକି କଙ୍କ୍ରିଟ କାମରେ ମଧ୍ୟ ନିୟମିତ ପାଣି ବ୍ୟବହାର ହେଉନାହିଁ। କାମରେ କେଉଁ ମାନର ସିମେଣ୍ଟ ଓ ଲୁହା ଛଡ଼ ବ୍ୟବହାର ହେବ ସେନେଇ ଅଧିକାରୀ ନିୟମିତ କ୍ଷେତ୍ର ପରିଦର୍ଶନ କରି କୌଣସି ନିର୍ଦ୍ଦେଶ ଦେଉନଥିବା ଜଣାପଡ଼ିଛି। ତେଣୁ ନବିକରଣ କାର୍ଯ୍ୟର ସ୍ଥାୟୀତ୍ୱ କୁ ନେଇ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବ୍ଲକର ଅନ୍ୟାନ୍ୟ ସ୍ଥାନରେ ଚାଲିଥିବା ରାସ୍ତା ନିର୍ମାଣ କାର୍ଯ୍ୟ ମଧ୍ୟ ତଦ୍ରୂପ ହେଉଥିବା ଜଣାପଡ଼ିଛି। ଏହା ଉପରେ ଉପରିସ୍ଥ ଅଧିକାରୀ ମାନେ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ରାଜ୍ୟସ୍ତରୀୟ ପୁଷ୍ପ ପ୍ରଦର୍ଶନୀରେ ଡିପିସିଏଲ୍‌କୁ ପୁରସ୍କାର



ଭଦ୍ରକ, ୧୧।୧(ସମିସ): ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ବାର୍ଷିକ ପୁଷ୍ପ ପ୍ରଦର୍ଶନୀ ୨୦୨୫ରେ ଭାଗ ନେଇ ମନ ଜିଣିଛି ଆଦାନୀ ଧାମରା ପୋର୍ଟ। ଏହି ପୁଷ୍ପ ପ୍ରଦର୍ଶନୀରେ ଆଦାନୀ ଧାମରା ପୋର୍ଟର ଅବସ୍ଥିତି ଦର୍ଶାଯାଇଥିଲା। ମାତୃତ୍ୱର ପ୍ରତିମୂର୍ତ୍ତି ବ୍ରାହ୍ମଣୀ ଓ ବୈତରଣୀ ନଦୀର ସଙ୍ଗମ ସ୍ଥଳଠାରୁ ଅନତି ଦୂର ଧାମରା ନଦୀ କୂଳରେ ଧାମରା ପୋର୍ଟ ଅବସ୍ଥିତି ଏବଂ ଏହା ଗହୀରମଥାରେ ସାମୁଦ୍ରିକ ଅଲିଭ ରିଡ୍ଲେ କଇଁଛ ଓ ଭିତରକନିକା ଲୁଣାଜଳ କୁମ୍ଭୀର ସଂରକ୍ଷଣ ଉପରେ ଆଧାରିତ ଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିବା ସହ ପରିବେଶ ସଂରକ୍ଷଣ ପ୍ରତି ଥିବା ଧାମରା ପୋର୍ଟର ପଦକ୍ଷେପ ଭିତ୍ତିକ ପ୍ରଦର୍ଶନୀଗୁଡ଼ିକୁ ପରିଦର୍ଶନ କରିଥିଲେ। ଆଦାନୀ ଧାମରା ପୋର୍ଟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବେନ୍ଦ୍ର ଠକର ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ଓ ଯୁବ ବ୍ୟାପାର, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଡିପିସିଏଲ୍‌ର ସମସ୍ତ ଷ୍ଟଲ ଗୁଡ଼ିକ ବୁଲି ଦେଇଥିଲେ। ଡିପିସିଏଲ୍‌ର ଉଦ୍ୟାନକୃଷି ବିଭାଗ ମୁଖ୍ୟ ରଞ୍ଜନ ନାୟକ ଓ ତାଙ୍କ ଟିମ୍ ପୁଷ୍ପ ଷ୍ଟଲ ସଜାଇଥିଲେ। ପ୍ରକୃତିର ଆଶୀର୍ବାଦ ପାଇଥିବା ଏହି ଅଞ୍ଚଳରେ ସୁକୁଲାଣ୍ଟ ଭଳି ବିଭିନ୍ନ ଗୁଳ୍ମ, ହୋମପ୍ଲାଣ୍ଟ ଏବଂ ସ୍ଥାନୀୟ ଅଞ୍ଚଳର ଗ୍ରାମୀଣ ବିଷୟବସ୍ତୁ ମଧ୍ୟ ଦର୍ଶାଯାଇଥିଲା ପୁଷ୍ପ ପ୍ରଦର୍ଶନୀରେ। ପାଇଲଟ୍ ଆକାରର ଥିବା ସେଲ୍‌ଫି କର୍ଣ୍ଣର ଆଗନ୍ତୁକଙ୍କ ପାଇଁ ଅନ୍ୟତମ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ଧାମରା ପୋର୍ଟର ଅବସ୍ଥିତିର ପୁଷ୍ପ ପ୍ରଦର୍ଶନୀ ପ୍ରଥମ ପୁରସ୍କାର ପ୍ରାପ୍ତ କରିଥିଲା। ଏହି କ୍ରମରେ କ୍ଷୁଦ୍ର ଉଦ୍ଭିଦ ପ୍ରଦର୍ଶନୀକୁ ଦ୍ୱିତୀୟ ପୁରସ୍କାର ପ୍ରାପ୍ତ ହୋଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ବିଭାଗରେ ଦୁଇଟି ପ୍ରଥମ ପୁରସ୍କାର, ଗୋଟିଏ ୨ୟ ପୁରସ୍କାର ଏବଂ ୨ଟି ମେରିଟ୍ ପୁରସ୍କାର ଧାମରା ପୋର୍ଟକୁ ହାସଲ କରି ପାରିଛି।

## ୧୭ ଜଣ ଭିନ୍ନକ୍ଷମଙ୍କୁ ଇ-ରିକ୍ସା ପ୍ରଦାନ

ଭଦ୍ରକ, ୧୧।୧(ସମିସ): ଆତ୍ମନିର୍ଭରଶୀଳ ଓ ସଶକ୍ତ ହେବା ପାଇଁ ଜିଲ୍ଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଜରିଆରେ ଜିଲ୍ଲା ପ୍ରଶାସନ ଦ୍ୱାରା ୧୭ ଜଣ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କୁ ୧୭ ଗୋଟି ଇ-ରିକ୍ସା ବଣ୍ଟନ କରାଯାଇଥିଲା। ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ବଣ୍ଟନ କାର୍ଯ୍ୟକ୍ରମକୁ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ଓ ଜିଲ୍ଲାପାଳ ଦିଲୀପ ରାଉତରାଏ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଇ- ରିକ୍ସା ମାଧ୍ୟମରେ ଯାତ୍ରୀ ପରିବହନ କରି ସମ୍ପୃକ୍ତ ଭିନ୍ନକ୍ଷମ ମାନେ ଆତ୍ମନିର୍ଭରଶୀଳହେବା ସହ ପାରିବାରିକ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବା ସରକାରଙ୍କର ଲକ୍ଷ୍ୟ ବୋଲି ଆଲୋକପାତ କରିଥିଲେ। ବିଧାୟକ ଓ ଜିଲ୍ଲାପାଳ ୧୭ ଜଣଙ୍କୁ ଇ-ରିକ୍ସା ଓ କିଟ୍ ବଣ୍ଟନ କରି ରିକ୍ସା ଚାଳନା କ୍ଷେତ୍ରରେ ସଦା ସର୍ବଦା ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। ସମ୍ପୂର୍ଣ୍ଣ ଭାବେ ଅଭ୍ୟାସ କରିବାପରେ ଯାତ୍ରୀ ପରିବହନ କରିବାକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପବିତ୍ର କୁମାର୍ ଦାସ ପରାମର୍ଶ ଦେଇଥିଲେ। ଭଦ୍ରକ ବ୍ଲକର ୪ଜଣ, ବାସୁଦେବପୁର ବ୍ଲକର ୩ଜଣ, ଭଣ୍ଡାରିପୋଖରୀ ବ୍ଲକର ୧ଜଣ, ବନ୍ତ୍ ବ୍ଲକର ୨ଜଣ, ଚାନ୍ଦବାଲି ବ୍ଲକର ୩ଜଣ, ଧାମନଗର ବ୍ଲକର ୨ଜଣ, ତିହିଡି ବ୍ଲକର ୨ଜଣଙ୍କୁ ଇ-ରିକ୍ସା ବଟଂନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ ମହାନ୍ତି, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ନାୟକ, ଜିଲ୍ଲା ସ୍ତରୀୟ ଅଧିକାରୀ ଓ ସାମାଜିକ ସୁରକ୍ଷା ବିଭାଗର ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଇ-ରିକ୍ସା ପାଇଁ ଭିନ୍ନକ୍ଷମ ଖୁସି ବ୍ୟକ୍ତ କରିଥିଲେ।



## ସଂକ୍ରାମକ ରୋଗ କବଳରେ ହରିଣ ପଲ

ରାମଚନ୍ଦ୍ରପୁର, ୧୧।୧(ସମିସ): ଚିତ୍ରା ହରିଣମାନଙ୍କ ଏନ୍ତୁଡିଶାଳ ଭାବେ ପରିଚିତ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବନ୍ୟପ୍ରାଣୀ ବନଖଣ୍ଡ ବରାଙ୍ଗ ଜଙ୍ଗଲରେ ବ୍ୟାପିଛି ସଂକ୍ରାମକ ରୋଗ। ଆଜି ଏକ ମାଇହରିଣ ଗଁପୁର ବନଦୁର୍ଗା ଠାକୁରାଣୀ ପୀଠ ନିକଟରେ ଥିବା ପାଣି କୁଣ୍ଡ ନିକଟରେ ଦୀର୍ଘ ସମୟ ଧରି ଠିଆହୋଇ ରହିଥିଲା। ହରିଣଟି ଆଗ ଗୋଡ଼ ଛୋଟେଇ ଛୋଟେଇ ଚାଲିବା ସହ ପଛ ଗୋଡ଼ ଛାଟି ହେଉଛି। ଶୀତ ଋତୁରେ ଜଙ୍ଗଲରେ ରହୁଥିବା ବନ୍ୟପ୍ରାଣୀ ବିଭିନ୍ନ ସଂକ୍ରାମକ ରୋଗରେ ଆକ୍ରାନ୍ତ ହୋଇଥାନ୍ତି। ସଂକ୍ରାମକ ରୋଗ ଅଧିକ ବ୍ୟାପିବା ପୂର୍ବରୁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ରତିଷେଧକ ବ୍ୟବସ୍ଥା କରିବା ନିହାତି ଜରୁରୀ ବୋଲି ସ୍ଥାନିୟ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।



## ପରିଚୟ ସୃଷ୍ଟି କରିଛି ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ




ବାରିକପୁର, ୧୧।୧(ସମିସ): ସମ୍ପ୍ରତି ଏସଏଚଜି ମହିଳା ମାନେ ବିଭିନ୍ନ କୁଟୀର ଶିଳ୍ପ ମାଧ୍ୟମରେ ନିଜର ପରିଚୟ ସୃଷ୍ଟି କରିବା ସହିତ ସ୍ୱାବଲମ୍ବୀ ହୋଇଛନ୍ତି। ଏମିତି ଜଣେ ଏସଏଚଜି ଗୋଷ୍ଠୀର ମହିଳା ହେଉଛନ୍ତି ଭଣ୍ଡାରିପୋଖରୀ ବ୍ଲକ ରହଣିଆ ଗ୍ରାମପଞ୍ଚାୟତ ରାଢୋ ଗ୍ରାମର ମମତା ସାମଲ। ସେ ବିଶ୍ୱେଶ୍ୱର ସ୍ୱୟଂସହାୟକ ଗୋଷ୍ଠୀର ଜଣେ ବରିଷ୍ଠ ସଦସ୍ୟା ହୋଇଥିବା ବେଳେ ବିଗତ ୫ ବର୍ଷ ଧରି ମାଣ୍ଡିଆରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତ ପାଇଁ ମନୋନିବେଶ କରିଛନ୍ତି। ଏଥିରେ ତାଙ୍କୁ ମଧ୍ୟ ଗୋଷ୍ଠୀର ଅନ୍ୟ ମହିଳା ମାନେ ସହଯୋଗ କରିଥାନ୍ତି। ଆଗକୁ କେଉଁ ଭଳି ମାଣ୍ଡିଆରୁ ନୂଆ ନୂଆ ଖାଦ୍ୟ ପ୍ରସ୍ତୁତ ହେବ ସେ ସମ୍ପର୍କରେ ଆଇସିଆର ହାଇଦ୍ରାବାଦରୁ ମମତା ପ୍ରଶିକ୍ଷଣ ନେଇଛନ୍ତି। ପ୍ରାଥମିକ ପର୍ଯ୍ୟାୟରେ ସରକାରୀ ସ୍ତରରେ ଅନ୍ୟ କିଛି ସ୍ଥାନରୁ ସେ ମଧ୍ୟ ମାଣ୍ଡିଆ ଖାଦ୍ୟ ପ୍ରସ୍ତୁତ ପାଇଁ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି। ଏହାଛଡା ନିଜସ୍ୱ ଜ୍ଞାନ କୌଶଳ ଓ ପ୍ରଚେଷ୍ଟାରେ ମଧ୍ୟ ନୂଆ ନୂଆ ଖାଦ୍ୟ ପ୍ରସ୍ତୁତ କରିଛନ୍ତି। ସ୍ଥାନୀୟ ବଜାର ସମେତ ଭୁବନେଶ୍ୱର କୃଷି ମେଳାରେ ତାଙ୍କ ଦ୍ୱାରା ପ୍ରସ୍ତୁତ ମାଣ୍ଡିଆ ଖାଦ୍ୟ ବେଶ ଆଦୃତ ହୋଇଛି। ଏହା ବ୍ୟତୀତ ବାଲିଯାତ୍ରା ଓ ଜିଲ୍ଲା ସ୍ତରୀୟ ଖାଦ୍ୟ ପ୍ରସ୍ତୁତି ମେଳାରେ ମଧ୍ୟ ଉଚ୍ଚ ପ୍ରଶଂସିତ ହୋଇଛି। ଏପରିକି ମମତା ଏଥିପାଇଁ ୱୋହୁ୍ୱାର ସମ୍ବର୍ଦ୍ଧିତ ହୋଇଛନ୍ତି। ମହିଳା ମାନଙ୍କୁ ଏ ଦିଗରେ କାର୍ଯ୍ୟ କରିବାକୁ ସେ ଏବେ ଆହ୍ୱାନ ଦେଇଛନ୍ତି। ଏପରିକି ସେମାନଙ୍କୁ ଏହି ପାରମ୍ପରିକ କୃଷି ଯାତ ଦ୍ରବ୍ୟରୁ ସୁଆଦିଆ ଖାଦ୍ୟ ପ୍ରସ୍ତୁତ ପାଇଁ ପ୍ରଶିକ୍ଷଣ ପ୍ରଦାନ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟର ଗୁଣାତ୍ମକମାନ ଓ ଏହାର ପ୍ରଚାର ପ୍ରସାର ଦିଗରେ ଆହୁରି ଅନେକ କିଛି କାର୍ଯ୍ୟ ବାକି ରହିଛି। ଏହି ପାରମ୍ପରିକ ଶସ୍ୟ ଚାଷକୁ ମଧ୍ୟ କୃଷକ ମାନେ ଆପଣାଇବା ଜରୁରୀ ଅଟେ। ତେଣୁ ସରକାରୀ ପ୍ରୋତ୍ସାହନ ମିଳିଲେ ସେ ଆଗକୁ ଆହୁରି ମାଣ୍ଡିଆ ଶସ୍ୟକୁ ନେଇ ନୂତନ ଖାଦ୍ୟ ମାନ ପ୍ରସ୍ତୁତ କରିବାକୁ ଲକ୍ଷ୍ୟ ରଖିଥିବା ମମତା କହିଛନ୍ତି।

● ଭଦ୍ରକ ଜିଲ୍ଲା ପ୍ରତି ଡାକ ବିଭାଗର ବୈମାତୃକ ମନୋଭାବ

## ୪୫ବର୍ଷର ଆର୍‌ଏମ୍‌ଏସ୍ ସେବା ସ୍ଥାନାନ୍ତର

ଭଦ୍ରକ, ୧୧।୧(ସମିସ): ଭଦ୍ରକ ଜିଲ୍ଲା ପ୍ରତି ମୁଖ୍ୟ ଡାକ ବିଭାଗର ବୈମାତୃକ ମନୋଭାବ ବିରୁଦ୍ଧରେ ଭଦ୍ରକ ଜିଲ୍ଲାର ବୁଦ୍ଧିଜୀବୀ ଓ ସଚେତନ ନାଗରିକ ତଥା ଭଦ୍ରକ ଜିଲ୍ଲା ସର୍ବୋଦୟ ମଣ୍ଡଳ ତରଫରୁ ଅମର କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗତକାଲି ଜିଲ୍ଲାପାଳ ଦିଲ୍ଲିପ ରାଉତରାଏଙ୍କୁ ଦାବୀପତ୍ର ପ୍ରଦାନ କରିଛନ୍ତି। ତତ୍ ସଙ୍ଗେ ସଙ୍ଗେ ଡାକ ଜରିଆରେ ଆଜି ମୁଖ୍ୟ ଡାକ ବିଭାଗର ମହା ପ୍ରବନ୍ଧକଙ୍କୁ ଦରଖାସ୍ତ କରିଛନ୍ତି। ଭଦ୍ରକ ଜିଲ୍ଲା ତଥା ପାଖା ପାଖି ଜିଲ୍ଲାର ଜନସାଧାରଣ ଡାକସେବା ୪୪ ଗୋଟି ଉପ ଡାକ ଘର ଜରିଆରେ ତୁରନ୍ତ ଡାକ ସେବା ପାଇ ଆସୁଛନ୍ତି। ସେଥି ପାଇଁ ଭଦ୍ରକ ରେଳ ଷ୍ଟେସନରେ ଆର୍‌ଏମଏସ ଦୀର୍ଘ ୪୫ ବର୍ଷ ଧରି ନିରନ୍ତର ଚିଠି ପତ୍ର ଆଦାନ ପ୍ରଦାନ ରେ ସାହାଯ୍ୟ କରି ଆସୁଅଛି। ମାତ୍ର ଦୁଃଖର ବିଷୟ ଜନସାଧାରଣ ତଥା ରାଜ ନୈତିକ ନେତୃବୃନ୍ଦ ଙ୍କ ଉଦାସୀନତା ଯୋଗୁଁ ସ୍ପିଡ୍ ପୋଷ୍ଟ ଓ ପର୍ସଲ ଯାଜପୁର ରୋଡ



ଷ୍ଟେସନକୁ ସ୍ଥାନାନ୍ତରିତ ହୋଇଥିଲା। ମାତ୍ର ଅତୀବ ପରିତାପର ବିଷୟ ଏହିକି ଡାକ ବିଭାଗର ମୁଖ୍ୟଙ୍କ ଦ୍ୱାରା ପ୍ରେରିତ ପତ୍ର ଅନୁସାରେ ଭଦ୍ରକ ଷ୍ଟେସନରେ ଥିବା ଆର୍‌ଏମଏସ ଅଧୀନରେ ଚାଲୁଥିବା କେବଳ ରେଜିଷ୍ଟ୍ରି ଚିଠି ଓ ଅନ୍ୟାନ୍ୟ ଚିଠି ପତ୍ର ବାଲେଶ୍ୱର ଷ୍ଟେସନକୁ ସ୍ଥାନାନ୍ତରିତ ହେବାକୁ ନିର୍ଦ୍ଦେଶ ହୋଇସାରିଛି। ଫଳରେ ଜାନୁଆରୀ ମାସ ୯ ତାରିଖ ଠାରୁ ଭଦ୍ରକ ଜିଲ୍ଲାରେ ଆର୍‌ଏମଏସରେ ଚିଠି ପତ୍ର ଆଦାନ ପ୍ରଦାନ ଠପ୍ ହୋଇଯାଇଛି। ଯଦ୍ୱାରା ପ୍ରତ୍ୟେକ ଗୁରୁତ୍ୱପୂର୍ଣ୍ଣ ଚିଠି ପତ୍ର ଜନସାଧାରଣ ପାଇବାକୁ ଅଧିକ ୩ରୁ ୪ ଦିନ ଲାଗିବ। ସେଥିପାଇଁ ସର୍ବୋଦୟ ମଣ୍ଡଳର ସଭାପତି ଶ୍ରୀ ପାଣିଗ୍ରାହୀ ଓ ବୁଦ୍ଧିଜୀବୀ ଭୁବନେଶ୍ୱର ମୁଖ୍ୟ ଡାକ ବିଭାଗର ମୁଖ୍ୟ ପ୍ରବନ୍ଧକଙ୍କୁ ସାକ୍ଷାତ୍ କରିବେ ଓ ଅବିଳମ୍ବେ ଆର୍‌ଏମଏସ ଭଦ୍ରକ ଷ୍ଟେସନରେ ଚାଲୁ କରାଯାଉ। ନଚେତ୍ ବିରାଟ ଜନ ଅସନ୍ତୋଷ ପ୍ରକାଶ ପାଇବ। ଆସନ୍ତା କାଲି ଭଦ୍ରକ ସାଂସଦଙ୍କ ଦୃଷ୍ଟି ଆକର୍ଷଣ କରାଯିବ। ତାପରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଏନେଇ ଅବଗତ କରାଯିବ ବୋଲି ଜଣାଯାଇଛି।

### ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ

## ରେଳବାଇ ଦଳ ଓ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ

ଭଦ୍ରକ, ୧୧।୧(ସମିସ)




ଚରମ୍ପା ରେଳବାଇ ପଡ଼ିଆରେ ଚାଲିଥିବା ମହାବୀର କପ୍ ରାଜେଶ ବଳ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜି ୩ୟ ଦିନରେ ୨ଟି ମ୍ୟାଚ ଖେଳା ଯାଇଥିଲା। ପ୍ରଥମ ମ୍ୟାଚଟି ଇଷ୍ଟକୋଷ୍ଟ ରେଳବାଇ ଭଦ୍ରକ ଓ ଯାଜପୁରର ଇଲେଭେନ୍ ଷ୍ଟାର ମଧ୍ୟରେ ଖେଳା ଯାଇଥିବା ବେଳେ ଦ୍ୱିତୀୟ ମ୍ୟାଚଟି କଟକର ଜୁଭେନାଇଲ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ଖେଳା ଯାଇଥିଲା। ପ୍ରଥମ ମ୍ୟାଚରେ ରେଳବାଇ ଦଳ ବିଜୟୀ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚରେ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇଛି। ପ୍ରଥମ ମ୍ୟାଚରେ ଯାଜପୁର ଦଳ ଟସ୍ ଜିତି ଫିଲ୍ଡିଂ କରିଥିଲା। ରେଳବାଇ ଦଳ ବ୍ୟାଟିଂ କରି ୧୭.୫ ଓଭରରେ ୧୧୭ ରନ କରି ସମସ୍ତ ଖେଳାଳୀ ଆଉଟ ହୋଇଥିଲେ। ଦଳର ଜ୍ୟୋତିରଞ୍ଜନ ମହାରଣା ୩୦ ରନ କରିଥିବା ବେଳେ ସଞ୍ଜିତ ଚୌଧୁରୀ ୨୨ ରନ କରିଥିଲେ। ଯାଜପୁର ପକ୍ଷରୁ ବାମନ ଶର୍ମା ୩ଟି ଏବଂ ଦିବ୍ୟଜ୍ୟୋତି ଦାସ ୩ଟି ୱିକେଟ ନେଇଥିଲେ। ୧୧୮ ରନକୁ ପିଛା କରି ଯାଜପୁର ଦଳ ବ୍ୟାଟିଂ କରି ୨୦ ଓଭରରେ ୧୧୩ ରନ କରି ସମସ୍ତ ଖେଳାଳୀ ଆଉଟ ହୋଇଥିଲେ। ଯାଜପୁର ପକ୍ଷରୁ ଶୁଭ୍ର ଆର୍. ରାଉତ ୩୧ ରନ କରିଥିବା ବେଳେ ରେଳବାଇ ପକ୍ଷରୁ ସଞ୍ଜିତ ଚୌଧୁରୀ ୩ଟି ଓ ନିହାର ଭୁୟାଁ ୨ଟି ୱିକେଟ ନେଇଥିଲେ। ଦଳ ୪ ରନରେ ବିଜୟୀ ହୋଇଥିବା ବେଳେ ସଞ୍ଜିତ ଚୌଧୁରୀ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅନ୍ୟ ପକ୍ଷରେ ଦ୍ୱିତୀୟ ମ୍ୟାଚରେ ଜୁଭେନାଇଲ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ୧୮ ଓଭରରେ ୬ ଉଇକେଟ ହରାଇ ୧୩୮ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସାଇଦୀପ ମହାପାତ୍ର ୫୮ ଓ ମହମ୍ମଦ ସୋଏବ ଖାଁ ୩୭ ରନ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ସୂର୍ଯ୍ୟକାନ୍ତ ପ୍ରଧାନ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟାର୍ଦ୍ଧରେ ୧୩୯ ରନ ପିଛା କରି ବ୍ୟାଟିଂ କରିଥିବା ରାଇଜିଂ ଷ୍ଟୁଡେଣ୍ଟ ଦଳ ମାତ୍ର ୨ଟି ବଲ ପୂର୍ବରୁ ୧୭.୪ ଓଭରରେ ୬ ୱିକେଟ ହରାଇ ଏକ ଚିତାକର୍ଷକ ବିଜୟ ହାସଲ କରିଥିଲା। ରାଇଜିଂ ଷ୍ଟୁଡେଣ୍ଟ ପକ୍ଷରୁ ଆଦିତ୍ୟ ରାଉତ ୬୮ ଏବଂ ଓମ୍ପ୍ରକାଶ ସାହୁ ୨୨ ରନ କରିଥିଲେ। ଜୁଭେନାଇଲ ଦଳ ପକ୍ଷରୁ ସୁମିତ ଶର୍ମା ଓ ପ୍ରିୟାଂଶୁ ମହାନ୍ତି ଉଭୟେ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଆଦିତ୍ୟ ରାଉତ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ।

